ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2025-2027
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 49 | 07 - 13 December 2025 | Sambalpur | Pages- 8 | Invitation Price Rs.10

# ବିଶ୍ୱ ଅସ୍ଥିରତା ମଧ୍ୟରେ ଭାରତର ଆର୍ଥିକ ମୂଳଦୁଆ ଦୃଢ଼ ରହିଛି : ଡକ୍ଟର ପି.କେ. ମିଶ୍ର

ଧାନବାଦ: ବିଶ୍ୱ ଅସ୍ଥିରତା ମଧ୍ୟରେ ଭାରତର ଆର୍ଥିକ ମୂଳଦୁଆ ଦୃଢ଼ ରହିଛି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର କହିଛନ୍ତି।

ଆଇଆଇଟି (ଆଇଏସଏମ) ଧାନବାଦର ଶତବାର୍ଷିକୀ ପ୍ରତିଷ୍ଠା ସପ୍ତାହକୁ ସମ୍ବୋଧିତ କରି ଡକ୍ଟର ମିଶ୍ର କହିଛନ୍ତି ଯେ, ପ୍ରକୃତି ଏବଂ ସଂସ୍କୃତିକୁ ସନ୍ତୁଳିତ କରି ଏକ ବିକଶିତ ଦେଶର ମାନ୍ୟତା ହାସଲ କରିବା ଏବଂ ବିଜ୍ଞାନ ଓ ପ୍ରଯୁକ୍ତି-ବିଦ୍ୟା କ୍ଷେତ୍ରରେ ବିଶ୍ୱସ୍ତରରେ ଅଗ୍ରଣୀ ହେବା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ଅଟେ। ଏଥିପାଇଁ ଭାରତ ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭର ହେବ, ମହିଳାମାନେ ବିକାଶର ନେତୃତ୍ୱ ନେବେ, ଅର୍ଥବ୍ୟବସ୍ଥା ସମାବେଶୀ ଏବଂ ନବସୃଜନଶୀଳ ହେବ ଏବଂ ଜାତୀୟ ଜୀବନରେ ଦୁର୍ନୀତି, ଜାତିବାଦ ଏବଂ ସାମ୍ପ୍ରଦାୟିକତାର କୌଣସି ସ୍ଥାନ ରହିବ ନାହିଁ ବୋଲି ସେ କହିଥିଲେ।

ଡକ୍ଟର ମିଶ୍ର ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟକୁ ନବସୃଜନ ଏବଂ ପୁନଃନିର୍ମାଣର ଆଧାର ରୂପେ ବର୍ଣ୍ଣନା କରି କହିଥିଲେ ଯେ, ଗତ ୧୧ ବର୍ଷ ମଧ୍ୟରେ ଭାରତର ଆର୍ଥିକ ବିକାଶ ଧାରାରେ ଉନ୍ନତି ହୋଇଛି। ମହାମାରୀ, ବାଣିଜ୍ୟ ଯୁଦ୍ଧ, ଭୂରାଜନୈତିକ ଉତ୍ତେଜନା, ଜଳବାୟୁ ପରିବର୍ତ୍ତନ ଏବଂ ଯୋଗାଣ ଶୃଙ୍ଖଳ ବାଧା ଯୋଗୁଁ ବିଶ୍ୱ ଅର୍ଥବ୍ୟବସ୍ଥାରେ ଲାଗି ରହିଥିବା ଅସ୍ଥିରତା ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ ୮.୨ ପ୍ରତିଶତର ଦୃଢ଼ ଜିଡିପି ଅଭିବୃଦ୍ଧି ଘଟିଛି। ସେହିପରି ଅନିଶ୍ଚିତତା ସତ୍ତ୍ୱେ ଭାରତ ଅମୃତ କାଳରେ ସାହସ ଏବଂ ଆତ୍ମବିଶ୍ୱାସ ସହିତ ଆଗକୁ ବଢୁଛି ବୋଲି ସେ କହିଥିଲେ।

ଡକ୍ଟର ମିଶ୍ର ଭବିଷ୍ୟତ ଗଠନରେ ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନକାରୀ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ମାର୍ଟଫୋନ୍ ଏବଂ ବିଗ୍ ଡାଟା ଠାରୁ ଆରମ୍ଭ କରି ରୋବୋଟିକ୍ସ ଏବଂ





ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପର୍ଯ୍ୟନ୍ତ, ବାଧା ସବୁଠି ରହିଛି। ସେ କହିଥିଲେ ଯେ ଭାରତ ୧୦୦ ରୁ ଅଧିକ ୟୁନିକର୍ଣ୍ଣ ଏବଂ ଦୁଇ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ସହିତ ଏକ ବିଶ୍ୱସ୍ତରୀୟ ନବସୃଜନ ଶକ୍ତିକେନ୍ଦ୍ର ଭାବରେ ଉଭା ହୋଇଛି, ଯାହା ଦେଶକୁ ବିଶ୍ୱର ତୃତୀୟ ବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ କରିଛି। ସେ ନବସୃଜନ ବ୍ୟବଧାନ ପୂରଣ କରିବା ପାଇଁ ସରକାରୀ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ମୌଳିକ ଗବେଷଣା ଏବଂ ପ୍ରୋଟୋଟାଇପ୍ ପାଇଁ ୧ ଲକ୍ଷ କୋଟି ଟଙ୍କାର ଅନୁସନ୍ଧାନ ଜାତୀୟ ଗବେଷଣା ପାଣ୍ଠି, ଏଆଇ କ୍ଷେତ୍ରରେ ନେତୃତ୍ୱ ନିର୍ମାଣ ସକାଶେ ଇଣ୍ଡିଆଏଆଇ ମିଶନ ଏବଂ ପରିବର୍ତ୍ତନକାରୀ ଷ୍ଟାର୍ଟଅପ୍ ସମର୍ଥନ ଲାଗି ଏକ ଉତ୍ସର୍ଗୀକୃତ ଡିପ୍ ଟେକ୍ ଫଣ୍ଡ ଅଫ୍ ଫଣ୍ଡ ଅନ୍ତର୍ଭୁକ୍ତ। ଏଗୁଡ଼ିକ ଭବିଷ୍ୟତ ପାଇଁ ପ୍ରସ୍ତୁତ ନବସୃଜନ ଇକୋସିଷ୍ଟମ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ପଦକ୍ଷେପ ବୋଲି ସେ କହିଥିଲେ।

ପ୍ରଧାନମନ୍ତ୍ରୀଙ୍କ 'ଫୋରଏସ୍' ମନ୍ତ୍ର - ସ୍କୋପ୍ (ସୁଯୋଗ), ସ୍କେଲ (ବ୍ୟାପକତା), ସ୍ପିଡ୍(ଗତି) ଏବଂ ସ୍କିଲ୍ (ଦକ୍ଷତା)କୁ ଶାସନର ମାର୍ଗଦର୍ଶୀ ନୀତି ଭାବରେ ଅଭିହିତ କରି ଡକ୍ଟର ମିଶ୍ର ଆୟୁଷ୍ମାନ ଭାରତ, ଡିଜିଟାଲ ଇଣ୍ଡିଆ, ୟୁପିଆଇ ଏବଂ ମିଶନ କର୍ମଯୋଗୀ ଭଳି ପ୍ରମୁଖ ପଦକ୍ଷେପଗୁଡ଼ିକୁ ଉଦାହରଣ ଭାବରେ ଉଲ୍ଲେଖ କରିଥିଲେ। ସେ କହିଥିଲେ, ପ୍ରଯୁକ୍ତିବିଦ୍ୟା ଏବଂ ମୂଲ୍ୟବୋଧ କିପରି ସମାବେଶୀ ତଥା ନାଗରିକ-କୈନ୍ଦ୍ରିକ ସେବା ପ୍ରଦାନକୁ ସକ୍ଷମ କରୁଛି ଏସବୁ ତାହାର ଉଦାହରଣ। ଦକ୍ଷତା କିପରି ଅନ୍ତର୍ଭୁକ୍ତିକରଣ ସହିତ ସହାବସ୍ଥାନ କରିପାରିବ ତାହା ଆଧାର, କୋୱିନ୍ ଏବଂ ଜାତୀୟ ଡିଜିଟାଲ ଶିକ୍ଷା ସ୍ଥାପତ୍ୟ ଭଳି ପ୍ଲାଟଫର୍ମଗୁଡ଼ିକ ପ୍ରଦର୍ଶନ କରୁଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଆହୁରି କହିଥିଲେ ଯେ, ଅନେକ ଦେଶ, ବିଶେଷକରି ଗ୍ଲୋବାଲ ସାଉଥ୍ ବର୍ତ୍ତମାନ ଭାରତକୁ ଏକ ବିଶ୍ୱବନ୍ଧୁ ଭାବରେ ଦେଖୁଛନ୍ତି। ଭାରତ ଏକ ବିଶ୍ୱସ୍ତ ଅଂଶୀଦାର ଯାହା ଆଧୁନିକ କ୍ଷମତାକୁ ସଭ୍ୟତାଗତ ଜ୍ଞାନ ସହିତ ମିଳାଉଛି। ଏହି ଅବସରରେ ସେ ଜାତୀୟ କ୍ୱାଣ୍ଟମ୍ ମିଶନ, ଚନ୍ଦ୍ରଯାନ-୩ ଏବଂ ଆଦିତ୍ୟ- ଏଲ୍୧ ଭଳି ମହାକାଶ ମିଶନର ସଫଳତା, ଜାତୀୟ ସବୁଜ ହାଇଡ୍ରୋଜେନ ମିଶନ ସହିତ ଅକ୍ଷୟ ଶକ୍ତି କ୍ଷମତା ୨୦୦ ଗିଗାୱାଟ୍ ଅତିକ୍ରମ କରିବା ଏବଂ ବୈଜ୍ଞାନିକ ଗବେଷଣା ପାଇଁ ସ୍ୱଦେଶୀ ବୁଡ଼ାଜାହାଜ ବିକଶିତ କରିବା ଭଳି ଅଗ୍ରଣୀ କ୍ଷେତ୍ରଗୁଡ଼ିକରେ ହୋଇଥିବା ପ୍ରଗତି ବିଷୟରେ ମଧ୍ୟ କହିଥିଲେ।

ଡକ୍ଟର ମିଶ୍ର କହିଥିଲେ ଯେ, ଭାରତ ପାଖରେ ଏକ ସ୍ପଷ୍ଟ ଦୀର୍ଘକାଳୀନ ମାର୍ଗଦର୍ଶିକା ଏବଂ ଏହାକୁ ଅନୁସରଣ କରିବା ପାଇଁ ଢାଞ୍ଚା ରହିଥିବା ସମୟରେ ଆଇଆଇଟି ଧନବାଦ ଦ୍ୱିତୀୟ ଶତାବ୍ଦୀରେ ପ୍ରବେଶ କରୁଛି। ବିକଶିତ ଭାରତ ୨୦୪୭ର ଢାଞ୍ଚାଗତ ଶକ୍ତି ଏବଂ ଜାତୀୟ ଲକ୍ଷ୍ୟ ମଧ୍ୟରେ ସମନ୍ୱୟ ସ୍ପଷ୍ଟ। ଆଗାମୀ ୨୫ ବର୍ଷ ଭାରତ ଅଧିକ ସକ୍ଷମ, ଗର୍ବିତ ଏବଂ ସମାନତାପୂର୍ଣ୍ଣ ରାଷ୍ଟ୍ର ଗଠନ ପାଇଁ କିପରି ଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ମାନବ ପୁଞ୍ଜିକୁ ବ୍ୟବହାର କରିବ ତାହା ଏହି ଲକ୍ଷ୍ୟକୁ ସାକାର ରୂପ ଦେବ ବୋଲି ସେ କହିଥିଲେ। ଏହି ଅବସରରେ ଆଇଆଇଟି (ଆଇଏସଏମ) ଧାନବାଦ ପକ୍ଷରୁ ଡକ୍ଟର ମିଶ୍ରଙ୍କୁ 'ଡକ୍ଟରେଟ୍ ଅଫ୍ ସାଇନ୍ସ' ଉପାଧିରେ ଭୂଷିତ କରାଯାଇଥିଲା।

# ଲୋକକଳା ଆମ ସାଂସ୍କୃତିକ ଅସ୍ମିତାର ପ୍ରତୀକ : ପଦ୍ମଶ୍ରୀ ଭାଗବତ ପ୍ରଧାନ






ସମ୍ବଲପୁର : ଲୋକକଳା ଆମ ସାଂସ୍କୃତିକ ଅସ୍ମିତାର ପ୍ରତୀକ। ମାତ୍ର ବିଡମ୍ବନା ଯେ, ଅଧିକାଂଶ ଲୋକକଳା ବର୍ତ୍ତମାନ ଲୁପ୍ତପ୍ରାୟ। ତେଣୁ ଏଗୁଡିକର ସୁରକ୍ଷା ନିମନ୍ତେ ଅଧିକ ଯତ୍ନଶୀଳ ହେବାର ଆବଶ୍ୟକତା ରହିଛି ବୋଲି ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ଆୟୋଜିତ ଲୋକକଳା ମହୋତ୍ସବରେ ମତପ୍ରକାଶ ପାଇଛି।

ସ୍ଥାନୀୟ ଡକ୍ଟର ରାଧାନାଥ ରଥ କମ୍ୟୁନିଟି ସେଣ୍ଟର ଠାରେ ଆୟୋଜିତ ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ଭାଗବତ ପ୍ରଧାନ ଉଦଘାଟନ କରି କହିଥିଲେ ଯେ, କଳା ହିଁ ଜୀବନ, କଳା ହେଉଛି ଭଗବାନଙ୍କର ଅପୂର୍ବ ଧନ କିନ୍ତୁ କଳାକୁ ଏବେ ଯେଉଁ କଳୁଷିତ କରାଯାଉଛି ସେଥିରେ ସେ କ୍ଷୋଭ ପ୍ରକାଶ କରି କହିଥିଲେ ଯେ, କଳାକାରମାନେ ଆଧାତ୍ମିକ ଓ ମିଷ୍ଟଭାଷୀ ହେବା ଉଚିତ। ଶବ୍ଦ ନୃତ୍ୟକୁ ଏ ପର୍ଯ୍ୟନ୍ତ ଶାସ୍ତ୍ରୀୟ ମାନ୍ୟତା ଦିଆଯାଇ ନାହିଁ। ତେବେ ଏହି ସମୃଦ୍ଧ କଳା ଯେପରି ଶାସ୍ତ୍ରୀୟ ମାନ୍ୟତା ପାଇବ ସେ ଦିଗରେ ଉଦ୍ୟମ ହେବା ଜରୁରୀ ବୋଲି ସେ କହିଥିଲେ।

ଶିକ୍ଷାବିତ ଅରବିନ୍ଦ ମହାପାତ୍ରଙ୍କ ଅଧକ୍ଷତା ଓ ମାନସ କୁମାର ଷଡ଼ଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର

## ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ଲୋକକଳା ମହୋତ୍ସବ

ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳା ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା କରିବା ଦିଗରେ କଳାକାରମାନେ ଧ୍ୟାନଦେବା ଆବଶ୍ୟକ ବୋଲି କହିଥିଲେ। ବିଶ୍ୱ ବିଖ୍ୟାତ ରଙ୍ଗବତୀ ଗୀତର ଗାୟିକା ପଦ୍ମଶ୍ରୀ କ୍ରିଷ୍ଣା ପଟେଲ ଏଥିରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ କଳାକାରମାନେ ସାଧନାରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ।

ଅନ୍ୟତମ ସମ୍ମାନିତ ଅତିଥି ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା କଳାର ସୁଦୁର ପ୍ରସାରୀ ପ୍ରଭାବ ସମ୍ପର୍କରେ ଆଲୋଚନା କରି ଏଥିରେ ବିପ୍ଳବ ମଧ ସୃଷ୍ଟି ହୋଇ ପାରେ ବୋଲି କହିଥିଲେ। ବିଶିଷ୍ଟ ସଂସ୍କୃତି ଗବେଷକ



ଡକ୍ଟର ଶ୍ୟାମ ସୁନ୍ଦର ଧର ସମ୍ମାନିତ ଅତିଥି ରୂପେ ଯୋଗଦେଇ ଲୋକକଳାର ବିଭିନ୍ନ ଦିଗରେ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ଶବ୍ଦନୃତ୍ୟ ଗୁରୁ ଭାଗବତ ପ୍ରଧାନ, ନୃତ୍ୟ ନିର୍ଦ୍ଦେଶକ ଗାନ୍ଧୀ ବାରିକ, ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ ମିତ୍ର, ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧର, କଣ୍ଠଶିଳ୍ପୀ ପଦ୍ମିନୀ ଦୋରା ଓ ସୌମ୍ୟଜିତ ବଡ଼ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପଦ୍ମଶ୍ରୀ କ୍ରିଷ୍ଣା ପଟେଲଙ୍କୁ ମଧ 'ସ୍ୱୀକାର' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରେ 'ସ୍ୱୀକାର'ର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଶେଷରେ କିସ୍ ବିଶ୍ୱବିଦ୍ୟାଳୟର ଅଧାପକ ସୁନୀଲ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

'ଉଡାନ୍'ର ଛାତ୍ରଛାତ୍ରୀଙ୍କ ଓଡିଶୀ ଦଶାବତାର ନୃତ୍ୟରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରଗଡ ଜିଲ୍ଲା ଭେଡେନ୍ ବ୍ଲକ କୁସନ୍‌ପୁରୀର ସଂକୀର୍ତ୍ତନ ଭୁଏଙ୍କ ଦଳ କରମସାନୀ, ସମ୍ବଲପୁର ଜିଲ୍ଲା ଚିପିଲିମା ସତୀଯୋର ଗ୍ରାମର ରାଧେଶ୍ୟାମ ପଣ୍ଡାଙ୍କ ଦଳ ପାଲା, ବଲାଙ୍ଗୀର ଜିଲ୍ଲା ଖରାଲି ଗ୍ରାମର ଫକିର ପ୍ରଧାନଙ୍କ ଦଳ ସଂଚାର, 'ଉଡାନ'ର ଛାତ୍ରଛାତ୍ରୀଙ୍କ ଦ୍ୱାରା ଢେମସା ନୃତ୍ୟ, ବୁର୍ଲାର ଭାରତୀ କଳା ବିକାଶ କେନ୍ଦ୍ରର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ବଲାଙ୍ଗୀରର ହେମନ୍ତ ଖୁଟୁଲା ଘୁଡକା, ସମ୍ବଲପୁରର ନେପାଳ ପ୍ରଧାନଙ୍କ ଦଳ କୃଷ୍ଣଗୁରୁ, ଝାରସୁଗୁଡା ଜିଲ୍ଲା ବଡଧରାର ରାଧା କୃଷ୍ଣ ମଣ୍ଡଳୀ ଦ୍ୱାରା ସମ୍ପ୍ରଦା, ପଏଦାମାଲର ପୁଷ୍କର ପ୍ରଧାନଙ୍କ ଦଳ କରମସାନୀ ଏବଂ କବରାପାଲିର ଦିଲୀପ ବଢ଼େଇଙ୍କ ଦଳ ସଂକୀର୍ତ୍ତନ ଓ ଭାଗବତ ପରିବେଷଣ କରିଥିଲେ। ଅଧାପକ ତୁଷାର ରଞ୍ଜନ ବାରିକ ଓ ଉମାକାନ୍ତ ପୋଢ଼ ଉଦଘୋଷାକ ଦାୟିତ୍ୱ ତୁଲାଇଥିବା ବେଳେ ପ୍ରତ୍ୟେକ ଦଳର ପରିବେଷଣ ପରେ ପ୍ରଫେସର ସେବକ ତ୍ରିପାଠୀ, ପ୍ରଫେସର କାମଦେବ ସାହୁ, ଡକ୍ଟର ବିଜୟାନନ୍ଦ ବେହେରା, ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଡକ୍ଟର ଶ୍ୟାମ ଭୋଇ ଓ ଜଗଦାନନ୍ଦ ବେହେରା ପ୍ରମୁଖ କଳାକାରମାନଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଲୋକନାଥ ରାଉତ, ଅମରନାଥ ମହାପାତ୍ର, ଅଶୋକ ପଟେଲ, ସ୍ୱରୂପ ପାଣ୍ଡେ ସହଯୋଗ କରିଥିଲେ।

## ଝାରସୁଗୁଡ଼ାରେ ୨୦ଟି ସ୍ୱଚ୍ଛ ସବାରୀର ଲୋକାର୍ପଣ

ଝାରସୁଗୁଡ଼ା: ଝାରସୁଗୁଡା ସହରର ଆବର୍ଜନା ପରିବହନ କରିବା ପାଇଁ ୨୦ଟି ସ୍ୱଚ୍ଛ ସବାରୀକୁ ବିଧାୟକ ଟଙ୍କଧର ତ୍ରିପାଠୀ ଲୋକାର୍ପଣ କରିଛନ୍ତି ।ଏହି ସ୍ୱଚ୍ଛ ସବାରୀ ଲୋକାର୍ପଣ କାର୍ଯ୍ୟକ୍ରମରେ ବିଧାୟକ ତ୍ରିପାଠୀଙ୍କ ସହିତ ସମ୍ମାନିତ ଅତିଥି ଭାବରେ ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହ୍ୱାଣ, ପୌରାଧକ୍ଷା ରାନୀ ହାତୀ, ଉପାଧକ୍ଷ ବେଣୁ ଗୋପାଳ ପାଣିଗ୍ରାହୀଙ୍କ ସହିତ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ କାଉନସିଲର କୈଳାଶ ନନ୍ଦ, ତରଙ୍ଗ ଦୁବେ, ଦେବବ୍ରତ ପାଣ୍ଡେ, ବନ୍ଦନା ମୁନ୍ଦ୍ରାଙ୍କ ସହିତ ପ୍ରେମସେନ ରାୟ, ପୁରୁଷୋତ୍ତମ ଥିରାଣୀ, ନେତାଜୀ ପଟ୍ଟନାୟକ, ତାରଣ ଗିଦ୍ୱାନି, ପୌର ପରିଷଦ ସମସ୍ତ କର୍ମଚାରୀ, ସଫେଇ କର୍ମଚାରୀ ତଥା ଝାରସୁଗୁଡା ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

## ଓପିଜିସି ପାଉଁଶ ପୋଖରୀ ଭାଙ୍ଗିବାରୁ ୩୧ କୋଟି କ୍ଷତି

ଝାରସୁଗୁଡ଼ା : ବିଗତ ପାଞ୍ଚ ବର୍ଷ ମଧ୍ୟରେ ଓଡିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ର ପାଉଁଶ ପୋଖରୀ କେବଳ ଥରେ ୨୦୨୩ ମସିହା ସେପ୍ଟେମ୍ବର ୧୨ ତାରିଖରେ ଭାଙ୍ଗିଥିଲା । ଏହି ପାଉଁଶ ପୋଖରୀ ଭାଙ୍ଗିବା ଫଳରେ ଓପିଜିସିର ମୋଟ୍ ୩୧ କୋଟି ୨୭ ଲକ୍ଷଟଙ୍କାର କ୍ଷତି ହୋଇଛି ।ଓପିଜିସି ପାଉଁଶ ପୋଖରୀ ଭାଙ୍ଗିବା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧାନସଭାରେ ଏହି ସୂଚନା ପ୍ରଦାନ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ଏହି ପାଉଁଶ ପୋଖରୀ ଭାଙ୍ଗିବାର ବିଫଳତା ପାଇଁ କୌଣସି ମାନବୀୟ ହସ୍ତକ୍ଷେପର ପ୍ରମାଣ ମିଳି ନ ଥିଲା । ଏହି ଦୁର୍ଘଟଣା ଯୋଗୁଁ ପ୍ରାୟ୧୫୪ ଏକର ଚାଷଜମି ଏବଂ ରେଙ୍ଗାଲି ଗାଁର ଏକ ଛୋଟ ପୋଖରୀ ପ୍ରଭାବିତ ହୋଇଛି ଓପିଜିସି ମୋଟ ୭୧ଲକ୍ଷ ୮୯ ହଜାରଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିଛି ।

## ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ମିଳିବ ଅଧକ୍ଷ

ଭୁବନେଶ୍ୱର : ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ଏବେ ଭାରପ୍ରାପ୍ତ ଅଧକ୍ଷ ଅଛନ୍ତି । ପରିଷଦର ନିୟମିତ ଅଧକ୍ଷ ନିଯୁକ୍ତି କରିବାକୁ ସରକାର ଏବେ ପଦକ୍ଷେପ ଗ୍ରହଣ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ପରିଷଦରେ ମୋଟ ୭୯୫.୫୦ କୋଟିଟଙ୍କା ଗଚ୍ଛିତ ଅଛି । ପରିଷଦକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୩-୨୪ରେ ମୋଟ ୪ ଶହ କୋଟି ଏବଂ ୨୦୨୪-୨୫ରେ ମୋଟ ୫୨୦ କୋଟିଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା । ସେହିପରି ଜିଲା ଯୋଜନା କମିଟିର ଅଧକ୍ଷ ପଦ ମନୋନୟନ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାୟକ ଯୋଗେଶ କୁମାର ସିଂହଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି ।

## କନ୍ୟା ସନ୍ତାନଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କଲେ ଦୁଇ ଦମ୍ପତି

ଝାରସୁଗୁଡା : ଇତି ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲାରୁ ୪ ଜଣ ଶିଶୁଙ୍କୁ ଅନ୍ୟ ରାଜ୍ୟର ଲୋକମାନେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି । କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପ୍ରଚଳିତ ନିୟମ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରାକ ପ୍ରକ୍ରିୟାରେ ବିଶାଖାପାଟଣା ଓ କେରଳର ଦୁଇ ପରିବାରଙ୍କୁ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚୌହାନ ବିଧିବଦ୍ଧ ଭାବେ ଦୁଇ ଜଣ ଶିଶୁ କନ୍ୟାଙ୍କୁ ପରିବାରକୁ ହସ୍ତାନ୍ତର କରିଛନ୍ତି ।

ସେହିପରି ଦୁଇ ଜଣ ଶିଶୁଙ୍କୁ ପଶ୍ଚିମବଙ୍ଗ ଓ ଭୁବନେଶ୍ୱରର ଦୁଇ ଦମ୍ପତି ଝାରସୁଗୁଡାରୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିଥିଲେ । ଉଭୟ ଦମ୍ପତି ଜିଲ୍ଲାପାଳଙ୍କର ସଭା ଗୃହରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ କୁନାଲ ମୋତିରାମ ଚୌହାନଙ୍କ ଉପସ୍ଥିତିରେ ଦୁଇ ପୁତ୍ର ସନ୍ତାନ ଗ୍ରହଣ କରିଥିଲେ । ଖୁସି ବ୍ୟକ୍ତ କରିବା ସହିତ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଶିଶୁ କଲ୍ୟାଣ ସମିତି ଅଧକ୍ଷ ଆଶିଷ କୁମାର ପଣ୍ଡା, ସୁରକ୍ଷା ଅଧିକାରୀ ଅଣ-ଅନୁଷ୍ଠାନିକ ଶିକ୍ଷାଞ୍ଜଳି ତୀର୍କେ, ପରାମର୍ଶଦାତା ସମୀର କୁମାର ମିଶ୍ର, ମୋନାଲିସା ପଟ୍ଟନାୟକ,ପୋଷ୍ୟ ଯତ୍ନ ଅନୁଷ୍ଠାନ ର କର୍ମକର୍ତ୍ତା ପ୍ରବୀଣ ବାଗ ତଥା ଡ. ଅଙ୍କିତ ପଟ୍ଟନାୟକ ଉପସ୍ଥିତ ଥିଲେ ।

## ବିଜାପାଲିର ମହିମା ଡିଗ୍ରୀ କଲେଜରେ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା: ୧୬ ଦିନିଆ ଲିଙ୍ଗ ଭିତ୍ତିକ ହିଂସାବିରୋଧୀ ଅଭିଯାନରେ ସେହେତା ଅନୁଷ୍ଠାନର ଓ୍ୱାନ୍ ଷ୍ଟପ ସେଣ୍ଟର (ସଖୀ) ଓ ଝାରସୁଗୁଡା ଜିଲ୍ଲା ମହିଳା ସଶକ୍ତିକରଣ ବିଭାଗର ମିଳିତ ଆୟୋଜନରେ ଲଖନପୁର ବ୍ଲକର ବିଜାପାଲିର ମହିମା ଡିଗ୍ରୀ କଲେଜରେ ବାଲ୍ୟ ବିବାହ ନିଷେଧ ଆଇନ, ପକସୋ ଆଇନ୍ ଓ ଅନଲାଇନ ସୁରକ୍ଷା ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିଶୁ କଲ୍ୟାଣ ସମିତି ଅଧକ୍ଷ ଶ୍ରୀ ଆଶିଷ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଲ୍ୟ ବିବାହର କୁପରିଣାମ, ବାଲ୍ୟ ବିବାହ ନିଷେଧ ଆଇନ, ପୋକ୍ସୋ ଆଇନର ମୂଳ ପ୍ରାସଙ୍ଗିକତା ଓ ଶିଶୁ ଯୌନ ଶୋଷଣ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ । କଲେଜର ଅଧକ୍ଷ ରମଣୀ ରଞ୍ଜନ ବିଶ୍ୱାଳ ଏବଂ ଅଧାପକ, ଅଧାପିକା ଉପସ୍ଥିତ ହୋଇ ଛାତ୍ରଛାତ୍ରୀଙ୍କୁ ଆଇନ ଉପରେ ସଚେତନ ହେବାକୁ ପ୍ରେରଣା ଦେଇଥିଲେ ।

## ହେମାନନ୍ଦ ବିଶ୍ୱାଳଙ୍କ ୮୭ ତମ ଜନ୍ମବାର୍ଷିକୀ

ଝାରସୁଗୁଡ଼ା: ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟର ପ୍ରଥମ ଆଦିବାସୀ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଶ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ୮୭ ତମ ଜନ୍ମବାର୍ଷିକୀ ଅବସରରେ ତାଙ୍କର ସ୍ମୃତି ଚାରଣ କରାଯାଇ ବିଭିନ୍ନ ସ୍ଥାନରେ ସଭାସମିତି ଜରିଆରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଝାରସୁଗୁଡା, ସୁନ୍ଦରଗଡ଼, କୁଚିଣ୍ଡା, ତାଙ୍କର ପୈତୃକ ଗ୍ରାମ ଠାକୁରପଡା, କେଶେଇବାହାଲରେ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା । ଝାରସୁଗୁଡା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ମଧ ସ୍ୱର୍ଗତ ଶ୍ରୀ ବିଶ୍ୱାଳଙ୍କ ଜନ୍ମବାର୍ଷିକୀ ପାଳନ କରାଯାଇଥିଲା । ସେହିପରି ଝାରସୁଗୁଡ଼ାର ମଙ୍ଗଳବଜାର ଡାକ୍ତରଖାନାରେ ରୋଗୀଙ୍କୁ ଫଳମୂଳ ବଣ୍ଟନ କରାଯାଇଥିଲା । ଏହି ସଭାରେ ସ୍ୱର୍ଗତ ଶ୍ରୀ ବିଶ୍ୱାଳଙ୍କ ପୁତ୍ରୀ ଅମିତା ବିଶ୍ୱାଳଙ୍କ ସହ ଜିଲ୍ଲା କଂଗ୍ରେସ ସଭାପତି ଜୀବନ ସାର୍ଥକ, ପୂର୍ବତନ ସଭାପତି ଭରତ ଅବସ୍ତି, ନଗର ସଭାପତି ଦେବାନନ୍ଦ ବାରିକ, ମନମୋହନ ଝା ପ୍ରମୁଖ ଉପସ୍ଥିତ ଥିଲେ । କେଶାଇବାହାଲ ଠାରେ ଆୟୋଜିତ ସଭାରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## 'ଉଲା ମଡେଲ-ରୁପଟପ୍ ସୋଲାର ପ୍ୟାନେଲ୍' ଉଦଘାଟିତ



ସମ୍ବଲପୁର: ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ 'ଉଲା ମଡେଲ-ୟୁଟିଲିଟି ଲେଡ୍ ଏଗ୍ରିଗେସନ୍ ମଡେଲ୍' ଅଧୀନରେ ସମ୍ବଲପୁର ଜିଲ୍ଲାର ମାନେଶ୍ୱର ବ୍ଲକ ଅନ୍ତର୍ଗତ ତକବା ଗ୍ରାମରେ ଏକ କିଲୋୱାଟ୍ ରୁଫଟପ୍ ସୋଲାର ପ୍ୟାନେଲ୍ ସ୍ଥାପନ କରାଯାଇଅଛି । ଶ୍ରୀମତୀ ସରୋଜିନୀ ଆଚାର୍ଯ୍ୟଙ୍କ ଛାତ ଉପରେ ସ୍ଥାପନ ହୋଇଥିବା ଏହି ଏକ କିଲୋୱାଟ୍ ରୁଫଟପ୍ ସୋଲାର ପ୍ୟାନେଲକୁ ସମ୍ବଲପୁରର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଉଦଘାଟନ କରିଛନ୍ତି । ଏହି ଉଦଘାଟନୀ ଉତ୍ସବରେ ସମ୍ବଲପୁର ଏସ୍‌ପି ଶ୍ରୀ ମୁକେଶ କୁମାର ଭାମୁ, ସମ୍ବଲପୁରର ମ୍ୟୁନିସିପାଲ କମିଶନର ଶ୍ରୀ ରିହାନ ଖେତ୍ରୀ, ସିଡିଓ-କମ-ଇଓ ଶ୍ରୀ ପ୍ରସନ୍ନ କୁମାର ପାତ୍ର ଏବଂ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ ଉପସ୍ଥିତ ରହିଥିଲେ । ଏହି ସୌର ପ୍ୟାନେଲ ମାତ୍ର ୮ ହଜାର ୭୪୭ ମୂଲ୍ୟରେ ସ୍ଥାପନ କରାଯାଇଅଛି । ପ୍ରକଶାଥାଉ କି, କେବଳ ଏକ କିଲୋୱାଟ୍ ବିଦ୍ୟୁତ୍ ସଂଯୋଗ ଚୁକ୍ତି କରିଥିବା ପଶ୍ଚିମ ଓଡ଼ିଶାର ଜଣେ ବିଦ୍ୟୁତ୍ ଗ୍ରାହକ ଏହି 'ଉଲା ମଡେଲ' ଯୋଜନା ଅଧୀନରେ ମାତ୍ର ୫୦୦୦ଟଙ୍କା ଏବଂ ସୋଲାର ମିଟର୍ ବାବଦକୁ ୩ ହଜାର ୭୪୭ଟଙ୍କା ସର୍ବମୋଟ୍ ୮ ହଜାର ୭୪୭ଟଙ୍କା ବିନିମୟରେ ନିଜ ଘର ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ କରିପାରିବେ ।

## ପରଂବ୍ରହ୍ମ ଆବାହନ

### ନାମଯଜ୍ଞ ମିଶ୍ର

ତୁମେତ ରହିଛ ମୋର ହୃଦୟ ମନ୍ଦିରେ
ମୁଁ ବି ଅଛି ତୁମ ଅଭ୍ୟନ୍ତରେ
ତଥାପି ମୁଁ ଖୋଜୁଛି ତୁମକୁ
କସ୍ତୁରୀ ବାଉଳାପଣେ
ଉର୍ଦ୍ଧ୍ୱମୁଖେ ଏଣେ ତେଣେ
ଅବନ୍ତା ଏଲୋରା ଅବା କୋଣାର୍କରେ
ତୀର୍ଥସ୍ଥଳେ ମନ୍ଦିରରେ
ଗୀର୍ଜା, ମସଜିଦ୍ ଗୁରୁଦ୍ୱାରେ
ଅନିକିନୀ, ଗିରିଗୁହା ବନାନୀ ସାଗରେ ।
ହେଇ ଏଇତ ଶୁଭୁଛି ତବ ନୂପୁର ନିକ୍ୱଣ
ଦିଶେଦିଶେ ଦିଶେ ତବଶିଖୀ ଚୁଳଲଟ
ଦରହସିତ ବଦନ ଛବିଳ ନିୟନ
ତୁମକୁ ଦେଖିବି ବୋଲି ଅନ୍ଧଚକ୍ଷୁମେଲି
ଚାହିଁବା ବେଳକୁ ଧାଇଁବା ବେଳକୁ
କେଣେ ହୋଇ ଯାଅ ଅନ୍ତର୍ଦ୍ଧାନ ।
ପୁଣି ସେଇ ପଦପାତ ପୁଣି ସେଇ ଅବସାଦ
ଶୂନ୍ୟେ ମିଶିଯାଏ ଶୂନ୍ୟ, ଶୂନ୍ୟମହାଶୂନ୍ୟ ।
ଅନନ୍ତ ନିର୍ଗୁଣ, କରୁଛ ବିଷର୍ଣ୍ଣ ।
ହୁଅ ତୁମେ ଶୂନ୍ୟ ବା ନିର୍ଗୁଣ, ନିର୍ମୋହୀ
ପତ୍ରଝଡା ଥୁଣ୍ଟା ବୃକ୍ଷମୁହିଁ
ତୁମ ପ୍ରୀତି ମଳୟ ଆଶାୟୀ
ତପସ୍ୱୀପରାୟ ସଦାରହି ଅଛି ଚାହିଁ
କେବେ ଆସି ଭରିଯିବ ଅଙ୍ଗେ ଅଙ୍ଗେ ମୋର
ପ୍ରେମର କୋରକ ସବୁ ସଘନେ ଫୁଟାଇ
ହାୟ ! କଷ୍ଟ ଦେଇ ଆସିଲତ ନାହିଁ
ପ୍ରୀତିର କୋରକ ସବୁ ଫୁଲକରି
ଗଲନି ଫୁଟାଇ ।
ତୁମେ ହିଁ ତ ଏକମାତ୍ର ମୋ ପ୍ରେମପସରା
ଶୀତ ପ୍ରାତଃ କଅଁଳିଆ ଖରା
ନିଦାଘର ସୁଶୀତଳ ଛାୟା
ଶରତର ରାକାଶଶୀ ।
ବସନ୍ତର ମଧୁର ମଳୟ
ପୁଲକିତ ପ୍ରାଣ ମଧୁକ୍ଷରା ।
ଆସ, ଆସ ହେ ଦୁଃଖ ପାଶୋରା
ଦେଖ, ମାଡିଆସେ ମୃତ୍ୟୁକାରା
ଆସି କର ଦୂର, ତାର ଭାରା ।
କୃତାନ୍ତକୁ ଭୟନାହିଁ ମୋର
ଯଦି ତୁମେ ସାଥେ ଥିବ
ପରଂବ୍ରହ୍ମ ଆଲୋକପସରା ।

ବରପାଲିପଡ଼ା, ବଲାଙ୍ଗୀର

## ୨୦୦ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ସୂଚକ ରାଶି ପ୍ରଦାନ ନିଷ୍ପତ୍ତି

ବରଗଡ : ବରଗଡ଼ ଧନୁଯାତ୍ରା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟିଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ । ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଚଳିତ ବର୍ଷ ଡ଼ିସେମ୍ବର ୨୪ରୁ ୨୦୨୬ ଜାନୁଆରୀ ୩ ପର୍ଯ୍ୟନ୍ତ ବରଗଡ଼ରେ ଧନୁଯାତ୍ରା ମହୋତ୍ସବର ଆୟୋଜନ କରାଯିବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଧନୁଯାତ୍ରାରେ ଭାଗନେଉଥିବା ପ୍ରାୟ ୨୦୦ କଳାକାରଙ୍କୁ ୧୦ହଜାରଟଙ୍କା ଲେଖାଏଁ ସମ୍ମାନ ସୂଚକ ରାଶି ପ୍ରଦାନ କରାଯିବ । ଧନୁଯାତ୍ରାର ବ୍ୟାପକ ପ୍ରଚାର ଓ ପ୍ରସାର ନିମନ୍ତେ ଏଲ.ଇ.ଡ଼ି ପରଦା ମାଧମରେ ଧନୁଯାତ୍ରାର ସିଧା ପ୍ରସାରଣ କରାଯିବ । ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଓଡ଼ିଶା ବାହାରର ବିଭିନ୍ନ ରାଜ୍ୟରେ ମଧ ଏଲଇଡ଼ି ପରଦା ମାଧମରେ ଧନୁଯାତ୍ରାର ସିଧାପ୍ରସାରଣ କରାଯିବ । ବରଗଡ଼ର ମୁଖ୍ୟ ପ୍ରବେଶ ଦ୍ୱାରମାନଙ୍କରେ ଧନୁଯାତ୍ରା ଥିମ୍ ସମ୍ବନ୍ଧୀୟ ଗେଟ୍ ନିର୍ମାଣ କରିବା ପାଇଁ ମଧ ନିଷ୍ପତ୍ତି ନିଆଯାଇଛି । ଧନୁଯାତ୍ରା ସମୟରେ ପୁରୀ ଏବଂ ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ସ୍ୱତନ୍ତ୍ରଟୁରିଷ୍ଟ ବସ୍ ଚଳାଇବା ନିମନ୍ତେ ମଧ ନିଷ୍ପତ୍ତି ନିଆଯାଇଛି । ଏଥସହିତ ଧନୁଯାତ୍ରା ସମ୍ବନ୍ଧୀୟ ସମସ୍ତ ତଥ୍ୟ ପ୍ରଦାନ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟ ମଧ କରାଯିବ । ଯେଉଁଥିରେ ଧନୁଯାତ୍ରାର ଚିତ୍ରାୟନ, ସମସ୍ତ ଦୃଶ୍ୟାବଳୀ, ସହରରେ ଥିବା ପ୍ରମୁଖ ହୋଟେଲ, ପାର୍କିଂ ସ୍ଥାନ, ମହୋତ୍ସବ ସ୍ଥାନ ସମ୍ବନ୍ଧୀୟ ବିବରଣୀ ଏବଂ ଜିପିଏସ ସିଷ୍ଟମକୁ ମଧ ସ୍ଥାନିତ କରାଯିବ ଯାହା ଦ୍ୱାରା କି ଜନସାଧାରଣ ଅତି ସହଜରେ ସମସ୍ତ ତଥ୍ୟ ପାଇପାରିବେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଧନୁଯାତ୍ରା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ୱେବସାଇଟରେ ଏକ ଡିଜିଟାଲ କୁଇଜ ଅନୁଷ୍ଠିତ କରାଯାଇ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯିବାର ମଧ ବ୍ୟବସ୍ଥା ରହିବ । ଧନୁଯାତ୍ରାର ସଫଳ ଆୟୋଜନ ନିମନ୍ତେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଯଥା ସୁରକ୍ଷା, ଅଗ୍ନିଶମ, ସ୍ୱଚ୍ଛତା, ଆଶୁ ଚିକିତ୍ସା ଏବଂ ସମସ୍ତ ପ୍ରଶାସନିକ ବନ୍ଦୋବସ୍ତକୁ ସୁନିଶ୍ଚିତ କରିବା ନିମନ୍ତେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ସନତ କୁମାର ଗଡ଼ତିଆ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ପଦ୍ମପୁର ବିଧାୟକ ବର୍ଷା ସିଂବରିହା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରାର୍ଥନା ଓ ପୂଜାପାଠ

## ଡକ୍ଟର ପ୍ରମୋଦ କୁମାର ପଣ୍ଡା



ତରିକା ଅଲଗା ଅଲଗା ହୋଇପାରେ, ହେଲେ ଆସ୍ଥାବାଦୀ ଈଶ୍ୱରଙ୍କୁ ପ୍ରାର୍ଥନା ପୂଜାପାଠ ଆଦି କରିଥାନ୍ତି । ବ୍ରତ, ମାନସିକ, ଉପବାସ ରଖିଥାନ୍ତି । କିଛି କେବେକେବେ, ଅନ୍ୟକିଛି ନିୟମିତ । ତୃତୀୟ ଗୋଷ୍ଠୀ ବିପଦ ବିଷାଦରେ । ଜପ, ତପ, ନାମ, କୀର୍ତ୍ତନ, ବ୍ରତ, ଉପବାସ, ପ୍ରାର୍ଥନା, ପୂଜାପାଠରେ ଅନେକ ଲାଭ ରହିଛି । ଅପିତୁ ଏହାରି ପ୍ରତିବଦଳରେ କିଛି ମାଗିଲେ ପ୍ରତିଆଶା ରଖିଲେ ତାହା ମିଳି ନ ଥାଏ । ଈଶ୍ୱର ଦେଇନଥାନ୍ତି । ଯେତେ ଭୋଗରାଗ ଚଢ଼େଇଲେ ମଧ ବିନା କର୍ମରେ ଫଳ ମିଳେନାହିଁ କାରଣ ଈଶ୍ୱର ଦୟାଳୁ ହେବା ସହିତ ନ୍ୟାୟପ୍ରିୟ ଅଟନ୍ତି । ଦୃଷ୍ଟାନ୍ତଟିଏ ନେଲେ କଥାଟି ଅଧିକ ସ୍ପଷ୍ଟ ହେବ । ପ୍ରଦୋଷ ଏବଂ ପ୍ରତ୍ୟୁଷ ଦୁଇ ବନ୍ଧୁ । ସହପାଠୀ । ବୈଜ୍ଞାନିକ ହେବା ଉଭୟଙ୍କ ଜୀବନର ଲକ୍ଷ୍ୟ । ଦିଜଣ ଯାକ ଈଶ୍ୱରବିଶ୍ୱାସୀ ମଧ । ପ୍ରଦୋଷ ଭାରୀ କର୍ମକୁଢ଼ । ପ୍ରାର୍ଥନା ପୂଜାପାଠରେ ତାର ସମୟ ବିତେ । ପ୍ରତ୍ୟୁଷ ଖୁବ କର୍ମପ୍ରବଣ । କଠିନ ପରିଶ୍ରମ ତାର ପ୍ରାର୍ଥନା, ପୂଜାପାଠ, ସବୁକିଛି । ପ୍ରତିଯୋଗିତାମୂଳକ ପରୀକ୍ଷାରେ ଈଶ୍ୱର ପ୍ରଦୋଷକୁ କୃତକାର୍ଯ୍ୟ କରାଇ ବୈଜ୍ଞାନିକ ହେବାର ସୁଯୋଗ ପ୍ରଦାନ କଲେ ଓ ପ୍ରତ୍ୟୁଷକୁ ଅକୃତକାର୍ଯ୍ୟ କଲେ କଣ ନ୍ୟାୟସଂଗତ ହେବ ? କଣ ଈଶ୍ୱର ଦୟାଳୁ ଓ ନ୍ୟାୟପ୍ରିୟ ବୋଲାଇବେ ? ନାଇଁ ନା ? ତେଣୁ ସିଏ ସିମିତି କିଛି କରିବେ ନାହିଁ । ପ୍ରଦୋଷର ପ୍ରାର୍ଥନା ପୂଜାପାଠର ପ୍ରତିଆଶା ପୂରଣ ହେବ ନାହିଁ । ବିନା ସାଧନରେ ସିଦ୍ଧି ମିଳିବାକୁ ଲାଗିଲେ ଅସଲ ସାଧକ ଯିବେ କୁଆଡେ ? ପରିଶ୍ରମ ବିନା ସଫଳତା ମିଳିଲେ ଲୋକେ ଖଟିବେ କାହିଁକି ? ପୂଜାପାଠ ଚକ୍କରରେ ଈଶ୍ୱର ଜଣେ ଯୋଗ୍ୟ ପ୍ରାର୍ଥୀକୁ ବଞ୍ଚିତ କରି ଅନ୍ୟଜଣେ ଅଯୋଗ୍ୟକୁ ଚୟନ କରିବେ କାହିଁକି ? ନିଜ ପ୍ରଣୀତ ନିୟମ ଉଲ୍ଲଂଘନ କରି ଅନ୍ୟଉପରେ ସେ ଅନ୍ୟାୟ କରିବେ କିମିତି ? ତେଣୁ ପ୍ରାର୍ଥନା, ପୂଜାପାଠ, ବ୍ରତ, ଉପବାସ, ରୋଜା ଇତ୍ୟାଦିରୁ ବିଶେଷ କିଛି ମିଳିବ, ଏହି ଆଶା ଛାଡି ଦିଅନ୍ତୁ । ହଁ, ପୂଜାପାଠ କରିବା ବେଳେ ମଣିଷ ଈଶ୍ୱରଙ୍କୁ ମୁଣ୍ଡିଆ ମାରେ, ପ୍ରଣିପାତ କରେ, ମୁଣ୍ଡ ନୁଆଁଏ । ନିଜକୁ ଛୋଟ ମନେକରେ । ନିଜଠୁ କେହିଜଣେ ବଡ଼, ବିରାଟ, ମହାନ, ଶକ୍ତିଶାଳୀ ଅଛନ୍ତି ଚିନ୍ତା କରେ । ବିଶ୍ୱାସ ରଖେ । ଏହି ବିଶ୍ୱାସ ମଣିଷକୁ ବିନମ୍ର କରାଏ । ମନୋବଳ ବଢ଼ାଏ, ଆତ୍ମବିଶ୍ୱାସ ଯୋଗାଏ । ବିଶ୍ୱାସ ବଢିଲେ ପରିଶ୍ରମ କରିବାର ପ୍ରାବଲ୍ୟ ସୃଷ୍ଟି ହୁଏ, ଏକାଗ୍ରତା ବଢ଼େ ଲକ୍ଷ୍ୟ ନିଶ୍ଚିତ ହୁଏ ଓ ପରିଣାମ ଭଲ ହୁଏ । ପ୍ରାର୍ଥନା, ପୂଜାପାଠ କିମ୍ବା ମାନସିକ ରଖିଥିବା ବ୍ୟକ୍ତି ଭାବେ ଈଶ୍ୱର ତାକୁ ସଫଳତା ପ୍ରଦାନ କଲେ । ତାଙ୍କରି ଆଶୀର୍ବାଦରୁ ସେ କୃତକାର୍ଯ୍ୟ ହେଲା, ସଫଳତା ଅର୍ଜନ କଲା । ଏହା ପ୍ରାର୍ଥନା ପୂଜାପାଠ ଆଦିର ମନସ୍ତାତ୍ତ୍ୱିକ ଫାଇଦା । ଲାଭ, ଉପକାର । ପୂଜାପାଠ ଓ ପ୍ରାର୍ଥନା ମନକୁ ସ୍ଥିର ରଖେ, ଶାନ୍ତି ଆଣେ । ଖୁସି ଲାଗେ । ମଧୁର ସଂଗୀତ, ଭଜନ, ଧୂନ ଇତ୍ୟାଦି ଦ୍ୱାରା ଥକ୍କାପଣ ଦୂରେଇଯାଏ । ପୂଜାବସ୍ଥାରେ ବସିଲେ ବ୍ରେନରୁ ଅଧିକ ମାତ୍ରାରେ ସେରୋଟୋରିନ ନିର୍ଗତ ହୁଏ । ସେରୋଟୋରିନ ହେପି ହରମୋନ । ତେଣୁ ମନ ଖୁସି ରୁହେ । ପୂଜାବେଳେ ପ୍ରେମ ଅନୁଭୂତ ହୁଏ । କାରଣ ଏହି ସମୟରେ ଅଧିକ ମାତ୍ରା ଅକ୍ସିଟୋସିନ ଝରେ । ଈଶ୍ୱର ପ୍ରେମର ପ୍ରତୀକ । ପ୍ରେମରୁ ଭକ୍ତି ଜାଗ୍ରତ ହେବା ଓ ଭକ୍ତିରୁ ଖୁସି ମିଳିବା ପୂର୍ବରୁ ପରୀକ୍ଷିତ । ବ୍ରତ, ଉପବାସ, ରୋଜାରେ ପାଚନତନ୍ତ୍ର ଠିକ ରୁହେ । ଆଜିକାଲି ଶାରୀରିକ ସୁସ୍ଥତା ପାଇଁ ଡାକ୍ତରମାନେ ସୁଷମ ଖାଦ୍ୟ, ବ୍ୟାୟାମ କିମ୍ବା ଶାରୀରିକ ପରିଶ୍ରମ ଏବଂ ସବିରାମ ଓ ତିନିଦିନିଆଁ ଉପବାସର ଉପଦେଶ ଦିଅନ୍ତି । ୨୦୧୬ ମସିହା ଜାପାନୀ ବୈଜ୍ଞାନିକ ୟୋସିନୋରୀ ଅହୋମୁସୀଙ୍କୁ ଚିକିତ୍ସା କ୍ଷେତ୍ରରେ ଅଟୋଫେଗୀ ତନ୍ତ୍ର ଗବେଷଣା ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା ଯାହା ୭୨ ଘଣ୍ଟିଆ ଉପବାସ ସହ ସମ୍ପର୍କିତ । ଭାରତରେ ହିନ୍ଦୁଙ୍କ ପାଇଁ ଏକାଦଶୀ, ନବରାତ୍ରି ଆଦି ଓ ମୁସଲମାନମାନଙ୍କ ପାଇଁ ରୋଜା ଉପବାସ ଧାରଣର ଧାର୍ମିକବିଧି ବହୁପୂର୍ବରୁ ପ୍ରଚଳିତ । ଉପବାସର ଦୈହିକ ଲାଭ ନିଶ୍ଚେ ରହିଛି । ଏତ୍‌ଦସହିତ ଏଥିରେ ଲୋକଙ୍କ ଧାର୍ମିକ ଭାବନା ମଧ ନିହିତ, ସମାହିତ ଜଡ଼ିତ ଥାଏ ।

ପୂଜାପାଠ ପ୍ରାର୍ଥନା ଆଦିରୁ ସୁଖ, ଶାନ୍ତି, ଭକ୍ତି, ପ୍ରେମ, ଏକାଗ୍ରତା, ଆତ୍ମବିଶ୍ୱାସ ମିଳେ । ଏହା ପରୀକ୍ଷିତ । ଉପବାସରୁ ସ୍ୱାସ୍ଥ୍ୟ ଭଲ ରହେ । ଏହା ମଧ ପରୀକ୍ଷିତ । କିନ୍ତୁ ପୂଜାପାଠ କଲେ ଭଗବାନ ଆପଣଙ୍କୁ ଅଧିକ କିଛି ଦେବେ, ଏମିତି ହୁଏନି । ଅନୁଭୂତ ହେବ ସଫଳତା ଈଶ୍ୱରଦତ୍ତ । ଏହା କିନ୍ତୁ ପରିଶ୍ରମର ପରିଣାମ । ଲାଗିବ ସୁସ୍ଥ ସ୍ୱାସ୍ଥ୍ୟ ଭଗବାନଙ୍କ ଅବଦାନ । କିନ୍ତୁ ତାହା ନିୟମିତ ସୁଷମ ଖାଦ୍ୟ, ବ୍ୟାୟାମ, ଉପବାସ ଏବଂ ଜରୁରୀ ଜୀବନଶୈଳୀ ପରିବର୍ତ୍ତନର ଫଳାଫଳ, ପରିଣାମ । ଜଣେ ମାଗିଲେ ଅନ୍ୟ ପ୍ରତି ଅନ୍ୟାୟ କରି ଭଗବାନ କେବେ କାହାକୁ ବିଶେଷ କିଛି ଦେଇନାହାନ୍ତି । ଆଗକୁ ଦେବେନି ମଧ । ଏହା ଧ୍ରୁବ ସତ୍ୟ । କିନ୍ତୁ ଆତ୍ମବିଶ୍ୱାସ ଅସମ୍ଭବକୁ ସମ୍ଭବ କରିପାରେ । ଆତ୍ମବିଶ୍ୱାସର ଅଭିଧାନରେ ଅସମ୍ଭବ ଶବ୍ଦ ବୋଲି କିଛି ନାଇଁ । ବିଶ୍ୱାସ ମୂଳେ ଭଗବାନ । ମାନିଲେ ଦେବତା, ନହେଲେ ପଥର । ଏହା ମଧ ପୂର୍ବୁ ପରୀକ୍ଷିତ ।

ପ୍ରାର୍ଥନା ପୂଜାପାଠ ମନ୍ତ୍ରୋଚ୍ଚାରଣର ଶାରୀରିକ, ମାନସିକ, ଧାର୍ମିକ ଓ ଭାବାତ୍ମକ ଉପାଦେୟତା ରହିଛି । ବିଶ୍ୱାସ କରନ୍ତୁ, ଆତ୍ମବିଶ୍ୱାସ ବଢିବ । ଲାଭ ମିଳିବ । ସଫଳତା ଚୁମିବ । ଅବିଶ୍ୱାସ, ଅନ୍ଧବିଶ୍ୱାସ ହାନୀ ଘଟାଏ । କ୍ଷତି ହୁଏ । ଆତ୍ମବିଶ୍ୱାସ ଅସଲ ପ୍ରାର୍ଥନା, ପ୍ରକୃତ ପୂଜାପାଠ । ଏହା ଯୁଗେଯୁଗେ କାଳେକାଳେ ପରୀକ୍ଷିତ । ନିୟତ କର୍ମ କରନ୍ତୁ, ଉତ୍ତମ ଫଳ ଭୋଗନ୍ତୁ । କେବଳ ପ୍ରାର୍ଥନା ପୂଜାପାଠରୁ ବିଶେଷ କିଛି ସ୍ୱତନ୍ତ୍ର ଫଳ ମିଳେନି । ଏହା ଆତ୍ମପ୍ରତ୍ୟୟ ସୃଷ୍ଟିକାରୀ ଏକ ସଶକ୍ତ ସତମାର୍ଗ ମାତ୍ର । ଚଞ୍ଚଳ ମନକୁ ସ୍ଥିର କରିବା, ଏକାଗ୍ରଚିତ୍ତ ହେବା, ଇନ୍ଦ୍ରିୟ ନିୟନ୍ତ୍ରଣ କରିବା, ସମର୍ପିତ ହେବା ଭୌତିକ ବନ୍ଧନରୁ ଅନାସକ୍ତ ହେବାପାଇଁ ପ୍ରାର୍ଥନା ପୂଜାପାଠ ଏକ ସାଧନ । ବ୍ୟକ୍ତିତ୍ୱ ଉପାନ୍ତରଣର ଏକ ଉପାଦେୟ ମାର୍ଗ ।

ଦୁନିଆଁର ସବୁଠୁ ସ୍ୱାର୍ଥପର ପ୍ରାଣୀ ମଣିଷ । ମାଗଣାରେ ଜୀବନ ଜୀବିକା ପାଇଁ ପରମ ଈଶ୍ୱରଙ୍କ ଠାରୁ ଅମୂଲ୍ୟ ସମ୍ପଦ ଓ ସମ୍ଭାର ଯଥା ମାଟି ପାଣି ପବନ, ଆଲୋକ, ଉତ୍ତାପ, ବନ ବୃହସ୍ପତି ଏତେ ସବୁ ପ୍ରାପ୍ତି ପରେ ମଧ ସେ ଅତୃପ୍ତ । ଅଶାନ୍ତ । ଜ୍ଞାନ, ବୁଦ୍ଧି, ବିବେକଯୁକ୍ତ ହୋଇ ତାର ଜନ୍ମ । ତାରି ଅନ୍ତର୍ନିହିତ ଶକ୍ତି ଓ ସାମର୍ଥ୍ୟ ସମ୍ପର୍କରେ ସେ ଅନଭିଜ୍ଞ । ଈଶ୍ୱରଦତ୍ତ ପ୍ରଜ୍ଞା ତାର କ୍ଷମତା । ଏସମ୍ପର୍କରେ ମଧ ସେ ଅଜ୍ଞାନ । ମୋହ ମାୟାରେ ଏତେ ଅନ୍ଧ ଯେ ତାକୁ ଭୌତିକ ସୁଖ ଅତିରିକ୍ତ ଅନ୍ୟ ସବୁ ଅନାବଶ୍ୟକ ମନେ ହୁଏ । ଦେବାକୁ ଏବଂ ମାରିବାକୁ ତାର ପ୍ରାଣେ ଭୟ । ଭିକ୍ଷୁକ ପ୍ରବୃତ୍ତି ତାର ରକ୍ତରେ ରହିଛି । ଅନ୍ୟର ମଙ୍ଗଳ କାମନା କରି ମଣିଷ କେବେବି ପ୍ରାର୍ଥନା ପୂଜାପାଠ କରେନାହିଁ । ପାଇବାକୁ ପୂଜା କରେ । ସୁଖରେ ଭଗବାନ ମନେ ପଡନ୍ତି ନାହିଁ । ଦୁଃଖ ପଡିଲେ ଜ୍ଞାନୋଦୟ ଘଟେ । ଛୋଟ କାମନା ପୂର୍ତ୍ତି ପାଇଁ ଛୋଟ ଓ ବଡ ଉଦ୍ଦେଶ୍ୟ ସାଧନ ସକାଶେ ବଡ ପୂଜା । କାମନାର ବିନାଶ ତାର ଅଭିଷ୍ଟ ନୁହଁ । ଚାକିରୀ ଠାରୁ ଆରମ୍ଭ କରି ବିବାହ, ସନ୍ତାନ ଜନ୍ମ, ସୁଖ ସମ୍ପଦ, ବିଳାସ ବ୍ୟସନ ପଦ ପଦବୀ ସବୁ କିଛି ପାଇଁ ସ୍ରଷ୍ଟାଙ୍କୁ ଉତ୍କୋଚ ଯାଚିବାରେ ମଣିଷ ଓସ୍ତାଦ । ଅବଶ୍ୟ ତ'ପାଖେ ଭଗବାନଙ୍କୁ ଅର୍ପଣ କରିବାକୁ କିଛି ନାହିଁ । ସେ ସଦା ରିକ୍ତ ହସ୍ତ । ଆଉ ଯେଉଁ ଏକକ ବିପତ୍ତି ତା'ପାଖେ ବିଦ୍ୟମାନ ତାହା ତା ଅଧୀନରେ ନାହିଁ । ସେ ନିଜେ ହିଁ ସେହି ବିପତ୍ତିର ଅଧିନସ୍ତ । ଅଭିମାନ, ଅହଙ୍କାର, ଗର୍ବ, ଫୁଟାଣି, ମୁକାର । ଏକୋହଂ କିଏ ମଣିଷ ଜାଣିପାରେନି । ସ୍ୱୟଂକୁ ଏକୋହଂ ମଣେ । କର୍ମ ବିମୁଖ ହୋଇ ସର୍ବସ୍ୱ ଆଶା କରେ । ପ୍ରାର୍ଥନା ପୂଜାପାଠ ମାଧମରେ ସର୍ବ ପ୍ରାପ୍ତି ଆକାଂକ୍ଷା ରଖେ । ଅନୀତି ତାର ନୀତି ହୁଏ । ଅନ୍ୟାୟ ଓ ଅସତ ଉପାୟରେ ଧନ ଅର୍ଜନ କରି ତାର କିୟଦଂଶ ତଥାକଥିତ ଧର୍ମକାର୍ଯ୍ୟରେ ପ୍ରାର୍ଥନା ଓ ପୂଜାପାଠରେ ବ୍ୟୟ କରି ପାପମୁକ୍ତ ହେବାକୁ ଅପଚେଷ୍ଟା କରେ । ଲାଭ ତ କିଛି ମିଳେନି, ବରଂ କ୍ଷତି ସହିବାକୁ ପଡେ । ସୁତରାଂ ସତକର୍ମ ହିଁ ସଫଳତାର ଏକମାତ୍ର ସାଧନ । ଯିମିତି କାମକୁ ସିମିତି ଫଳ ଥୁଆ ହୋଇଛି । ପ୍ରୟାସ ପରିଶ୍ରମ ବିନା ପ୍ରତିଷ୍ଠା ଦିବାସ୍ୱପ୍ନ ସଦୃଶ । ସ୍ୱଧର୍ମ ପାଳିଲେ ସିଦ୍ଧି ନିଶ୍ଚିତ । ତେଣିକି ପ୍ରାର୍ଥନା ପୂଜାପାଠ ନିଜ ଇଚ୍ଛା । ନକଲେ କ୍ଷତି ନାହିଁ । କଲେ ଲାଭନ୍ବିତ ହେବେ । ପରନ୍ତୁ ମନେ ରଖନ୍ତୁ ନିୟତ କର୍ମ ନକରି କେବଳ ପ୍ରାର୍ଥନା ପୂଜାପାଠ କଲେ କୃପାଳୁଙ୍କ କାନକୁ ଶୁଭେନି ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**

### ଆଜିର ଚିନ୍ତନ

ଥରେ ଜଣେ ସାଧୁ ନିଜର ଶିଷ୍ୟଙ୍କ ସହ କୌଣସି ଏକ ଜଳାଶୟରେ ସ୍ନାନ କରୁଥିଲେ । ହଠାତ୍ ସାଧୁଙ୍କ ନଜର ପଡ଼ିଲା ବିଛାଟିଏ ପାଣିରେ ଭାସିଯାଉଛି । ଶତ ଚେଷ୍ଟା କରି ମଧ କୂଳକୁ ଆସି ପାରୁନାହିଁ । ସାଧୁ ତତକ୍ଷଣାତ ବିଛାଟିକୁ ଆଞ୍ଜୁଳା କରି ପାଣିରୁ ଉଠାଇଲାବେଳେ ବିଛାଟି ତାଙ୍କ ପାପୁଲିରେ ଡଙ୍କ ମାରିଲା । ସାଧୁ ଯନ୍ତ୍ରଣା ସହିନପାରି ବିଛାଟିକୁ ପାଣିରେ ଛାଡ଼ିଦେଲେ ଓ ପୁଣିଥରେ ତାକୁ ଉଠାଇବାକୁ ଚେଷ୍ଟା କଲେ । କିନ୍ତୁ ବିଛାଟି ପୁଣିଥରେ ସାଧୁଙ୍କୁ ଡଙ୍କ ମାରିଦେଲା । ଏହିପରି ତିନି ଚାରିଥର କରିବା ପରେ ସାଧୁ ବିଛାଟିକୁ ଉଦ୍ଧାର କରିବାରେ ସଫଳ ହେଲେ । ଏହା ଦେଖି ଶିଷ୍ୟ ଜଣକ ଆଶ୍ଚର୍ଯ୍ୟ ହୋଇ ସାଧୁଙ୍କୁ ପଚାରିବାରୁ ସାଧୁ କହିଲେ- ମୁଁ ମୋର ଧର୍ମର ପାଳନ କରୁଥିଲି । ମଣିଷର ଧର୍ମ ହେଲା ଦୟା, କ୍ଷମା, ପ୍ରେମ, ପରୋପକାର ଇତ୍ୟାଦି ଆଚରଣ କରିବା । କିନ୍ତୁ ସେହି ଅଜ୍ଞାନ ବିଛାଟିର ଧର୍ମ ହେଲା ଦଂଶନ କରିବା । ମୁଁ ତାକୁ ଉଦ୍ଧାର କରୁଛି ବୋଲି ସେ ଜାଣେନି । ନିଜକୁ ନିରାପଦ ନଭାବିଲେ ଡଙ୍କ ମାରିବା ବିଛାର ଧର୍ମ । ତେଣୁ ସେ ଡଙ୍କ ମାରୁଥିଲା । ମୋର ଧର୍ମ ହେଲା ବିପଦରେ ପଡିଥିବା ପ୍ରାଣୀଟିକୁ ଉଦ୍ଧାର କରିବା । ଯଦି ସାମାନ୍ୟ ଛୋଟ ବିଛାଟିଏ ନିଜ ଧର୍ମକୁ ଛାଡୁନାହିଁ ମୁଁ ଜଣେ ମଣିଷ ହୋଇ ମୋ' ଧର୍ମ ଛାଡିବି କାହିଁକି ? ମୋତେ ଯନ୍ତ୍ରଣା ହେଉଥିବା ସତ୍ତ୍ୱେ ମୁଁ ମୋ ଧର୍ମ ପାଳନ କରି ତାକୁ ଉଦ୍ଧାର କଲି । ତେଣୁ ପ୍ରତ୍ୟେକ ପ୍ରାଣୀ ସେମାନଙ୍କ ଧର୍ମ ପାଳନ କରିବା ଉଚିତ୍ । ସ୍ୱଧର୍ମ ଆମକୁ ରକ୍ଷା କରିଥାଏ । ସିଂହ ନିଜର ଧର୍ମ ଛାଡି କେବେ ଘାସ ଖାଏନାହିଁ କିମ୍ବା ଗାଈ ଘାସ ଛାଡ଼ି ମାଂସ ଖାଏନାହିଁ । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି, ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ । ସ୍ୱଧର୍ମରେ ରହି ମୃତ୍ୟୁ ବରଣ କରିବା ଶ୍ରେୟସ୍କର । ଏଥିରେ ମୁକ୍ତିପ୍ରାପ୍ତ ହୁଏ । ତେଣୁ ପ୍ରତ୍ୟେକ ନିଜ ନିଜର ଧର୍ମ ପାଳନ କରିବା ଉଚିତ୍ । ମୁଁ ତାହାହିଁ କରୁଥିଲି । ସାଧୁଙ୍କ କଥା ଶୁଣି ଶିଷ୍ୟ ନିଜର ଭୁଲ ବୁଝିପାରିଲେ ।

# 'ଓଡ଼ିଶାରେ ମାଁ ଭଟ୍ଟାରିକାଙ୍କ ଦ୍ୱିତୀୟ ପୀଠ'

## ପ୍ରଫୁଲ୍ଲ କୁମାର ମାଝୀ

ଆମ ଦେଶରେ ସମୟକ୍ରମେ ହିନ୍ଦୁ ଧର୍ମରେ ବିଭିନ୍ନ ଧର୍ମଧାରାର ବିକାଶ ଘଟିଛି । ଏଥି ମଧରୁ ଶାକ୍ତ ଧର୍ମ ହେଉଛି ଅନ୍ୟତମ ଯାହାକି ପୁରାତନ ହେବା ବ୍ୟତୀତ ଦେଶର କୋଣେ ଅନୁକୋଣେ ଖୁବ୍ ଲୋକପ୍ରିୟ ମଧ । କାଶ୍ମୀରରୁ କନ୍ୟାକୁମାରୀ ଏବଂ ଦ୍ୱାରିକାରୁ କାମାକ୍ଷା ପର୍ଯ୍ୟନ୍ତ ପ୍ରାୟ ସବୁ ସ୍ଥାନରେ ଦେବୀ ବା ଶକ୍ତିପୀଠ ଦେଖିବାକୁ ମିଳେ । ପୁରାଣ ଅନୁସାରେ ଭଗବାନ ଶିବଙ୍କ କ୍ରୋଧ ଶାନ୍ତ କରିବା ପାଇଁ ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ପ୍ରେରଣ କରି ଦେବୀ ସତୀଙ୍କ ମର ଶରୀରକୁ ଯେଉଁ ଖଣ୍ଡବିଖଣ୍ଡିତ କଲେ, ସେସବୁ ବିଭିନ୍ନ ସ୍ଥାନରେ ପଡି ଏକ ଏକ ଦେବୀ ପୀଠ ସୃଷ୍ଟି କରିଛନ୍ତି । ଏସବୁ ସ୍ଥାନ ବ୍ୟତୀତ ଦେଶର ପ୍ରତ୍ୟେକ ଗ୍ରାମ ଓ ସହରରେ ଅସଂଖ୍ୟ ସ୍ଥାନୀୟ ଦେବୀଗଣ ମଧ ବିରାଜମାନ କରିଛନ୍ତି । ଏହା ଶାକ୍ତ ଧର୍ମର ଯେଉଁ ଲୋକପ୍ରିୟ ରହିଛି ତାର ସାକ୍ଷ୍ୟ ବହନ କରେ ।

ଭାରତ ଭଳି ଓଡ଼ିଶା ମଧ ଏ କ୍ଷେତ୍ରରେ ପଛୁଆ ନୁହେଁ । ନୂଆପଡ଼ାରୁ ପୁରୀ ଏବଂ ମାଲକାନଗିରିରୁ ବାଲେଶ୍ୱର ପର୍ଯ୍ୟନ୍ତ ସର୍ବତ୍ର ଦେବୀପୀଠ ଦେଖିବାକୁ ମିଳେ । ରାଜ୍ୟରେ ଶାକ୍ତ ଧର୍ମ ପୁରାତନ ହେବା ସହିତ ଅତ୍ୟଧିକ ଲୋକପ୍ରିୟ ମଧ । ଦେବୀଙ୍କ ପ୍ରତି ଲୋକଙ୍କ ଗଭୀର ଭକ୍ତି ରହିଛି ଏବଂ ପ୍ରତ୍ୟେକ ପୀଠରେ ବର୍ଷତମାମ ବିଶେଷ କରି ଦଶହରା ଓ ଚୈତ୍ର ସମୟରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ବିଭିନ୍ନ ପର୍ବପର୍ବାଣୀର ଆୟୋଜନ କରାଯାଇଥାଏ । ମାଁ ଭଟ୍ଟାରିକା ହେଉଛନ୍ତି ଏଭଳି ଏକ ଲୋକପ୍ରିୟ ଦେବୀ ଯଦିଓ କାମ ସ୍ଥାନରେ ତାଙ୍କ ମନ୍ଦିର ରହିଛି । ଦେବୀଙ୍କ ଖୁବ୍ ପୌରାଣିକ ଓ ସାଂସ୍କୃତିକ ମହତ୍ତ୍ୱ ରହିଛି ।

କିମ୍ବଦନ୍ତୀ ଭଟ୍ଟାରିକାର ଅର୍ଥ ହେଉଛି ରକ୍ଷୟିତ୍ରୀ । ଏକ ପୌରାଣିକ ପୃଷ୍ଠଭୂମି ଉପରେ ଆଧାରିତ ଦେବୀଙ୍କ ନାମକରଣର ଯଥାର୍ଥତା ରହିଛି । କିମ୍ବଦନ୍ତୀ ଅନୁଯାୟୀ ବୀର ପର୍ଶୁରାମ ତାଙ୍କ ବାପାଙ୍କୁ ହତ୍ୟା କରିଥିବା ସହସ୍ରାର୍ଜୁନଙ୍କ ଉପରେ ପ୍ରତିଶୋଧ ନେବାପାଇଁ ଚାହୁଁଥିଲେ । କିନ୍ତୁ ଯୁଦ୍ଧରେ ସେ ପରାସ୍ତ ହେଲେ । ତେଣୁ ସେ ବିଭିନ୍ନ ସ୍ଥାନ ପରିଭ୍ରମଣ ପୂର୍ବକ ମାଁ ଭଟ୍ଟାରିକାଙ୍କ ବର୍ତ୍ତମାନର ପୀଠରେ ପହଞ୍ଚିଲେ ଯେଉଁଠାରେ କି ତାଙ୍କ ହାତରୁ ଶର ଖସିପଡିଲା । ସ୍ଥାନର ମହିମା ଓ ଏହାର ଅଲୌକିକ ଶକ୍ତି ଉପଲବ୍ଧି କରି ବୀର ପର୍ଶୁରାମ ତୀରମୂଳରେ ପଥର ଉପରେ ମାଁ ଭଟ୍ଟାରିକାଙ୍କ ଚିତ୍ର ଅଙ୍କନ କଲେ । ସେ ଚାହୁଁଥିଲେ ଦେବୀଙ୍କ ମହିମା ପ୍ରଚାରିତ ହେଉ । ତାପରେ ଦେବୀଙ୍କ ଦ୍ୱାରା ବରପ୍ରାପ୍ତ ହୋଇ ସେ କ୍ଷତ୍ରୀୟମାନଙ୍କ ସଂହାର କରି ପାରିଥିଲେ । ସେହି ଦିନଠାରୁ ଏହି ସ୍ଥାନରେ ଦେବୀଙ୍କ ପୂଜା ଆରାଧନା ହୋଇ ଆସୁଛି । ପରବର୍ତ୍ତୀ ସମୟରେ ଦେବୀଙ୍କ ପାଇଁ ମନ୍ଦିର ନିର୍ମିତ ହୋଇଛି ।

ପୀଠ ମାଁ ଭଟ୍ଟାରିକାଙ୍କ ପୀଠ ଚାରିପଟେ ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଅତୀବ ମନୋରମ । କଟକ ଜିଲ୍ଲାର ବଡ଼ମ୍ବା ଠାରୁ ଏହା ପ୍ରାୟ ଛଅ ମାଇଲ ଦୂର ହେବ । ଏହାର ଦକ୍ଷିଣରେ ଖଣ୍ଡପଡ଼ା, ପୂର୍ବରେ ତିଗିରିଆ, ପଶ୍ଚିମରେ ନରସିଂହପୁର ଏବଂ ଉତ୍ତରରେ ହିନ୍ଦୋଳ ରହିଛି । ନିକଟରେ ମହାନଦୀ ପ୍ରବାହିତ ହେଉଛି । ନଦୀର ଅପର ପାର୍ଶ୍ୱରେ ପାଚେରୀ ସଦୃଶ ପର୍ବତମାଳା ଦୃଷ୍ଟିଗୋଚର ହୁଏ । ଏଠାକର ମନୋରମ ପ୍ରାକୃତିକ ପରିବେଶ ଜଂଜାଳରେ ଜର୍ଜରିତ ଓ ବ୍ୟସ୍ତବହୁଳ ମଣିଷ ଜୀବନରେ ଅପୂର୍ବ ଶାନ୍ତି ଆଣିଦିଏ ।

ମାଁ ଭଟ୍ଟାରିକା ପୀଠରୁ କଣ୍ଟିଲୋର ନୀଳମାଧବ ମନ୍ଦିର ଦୃଷ୍ଟିଗୋଚର ହୋଇଥାଏ । ନାଉରିଆମାନେ ନୌଯାତ୍ରା ସମୟରେ ବିପଦ ଆପଦରେ ସହାୟ ହେବା ପାଇଁ ଦେବୀଙ୍କୁ ପ୍ରାର୍ଥନା କରିଥାନ୍ତି । ମାଁ ଭଟ୍ଟାରିକାଙ୍କ ଚତୁଃପାର୍ଶ୍ୱରେ ଅଷ୍ଟ ଠାକୁରାଣୀଙ୍କ ବ୍ୟତୀତ ଚାରି ମହାଦେବ ମଧ ଅଛନ୍ତି ।

ଅବଶିଷ୍ଟାଂଶ ୫ମ ପୃଷ୍ଠାରେ

ସ୍ତ୍ରୀଜଗତ

ବର୍ଷ ୨୯, ସଂଖ୍ୟା - ୪୯, ୭ - ୧୩ ଡିସେମ୍ବର ୨୦୨୫

# ଯୋଜନାର ଚାପ ଓ ସରକାରୀ ଋଣ

**ରା**ଜ୍ୟ ଋଣ ଭାର ବଢ଼ି ଚାଲିଛି । ସରକାର ଖୋଲା ବଜାର ସହିତ ବିଭିନ୍ନ କେନ୍ଦ୍ର ସରକାରୀ ସଂସ୍ଥାରୁ ଋଣ ଉଠାଇ ଚାଲିଛନ୍ତି । ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ସରକାର ବିଭିନ୍ନ ସୂତ୍ରରୁ ଆଉ ୨୧ହଜାର କୋଟିରୁ ଅଧିକ ଟଙ୍କା ଋଣ ଉଠାଇଛନ୍ତି । ସରକାରୀ ସୂଚନା ଅନୁସାରେ ଗତ ସେପ୍ଟେମ୍ବର ସୁଦ୍ଧା ରାଜ୍ୟର ମୋଟ ଋଣ ପରିମାଣ ୧ଲକ୍ଷ ୨୬ହଜାର କୋଟି ଟଙ୍କାରେ ପହଞ୍ଚିଛି ।


ଚଳିତ ବର୍ଷର ବଜେଟ ଅନୁସାରେ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଋଣ ପରିମାଣ ୧ଲକ୍ଷ ୩୫ହଜାର କୋଟି ଟଙ୍କାରେ ପହଞ୍ଚିଯିବ । ରାଜ୍ୟର ଋଣ ଭାର ୨୦୦୯ରେ ୩୭, ୭୩୦କୋଟି ଟଙ୍କା ଥିବାବେଳେ ୨୦୨୩ ଏପ୍ରିଲ ୧ ତାରିଖ ସୁଦ୍ଧା ଏହା ୯୬,୩୧୦କୋଟି ଟଙ୍କାରେ ପହଞ୍ଚିଥିଲା । ଭିତ୍ତିଭୂମି ବିକାଶ ଓ କଲ୍ୟାଣକାରୀ ଯୋଜନା ପାଇଁ ଏହି ଋଣ ଉଠା ଯାଇଥିବା ସରକାର କହୁଛନ୍ତି । ଅପରପକ୍ଷରେ ଋଣ ପରିଶୋଧ ବାବଦରେ ୧୪ହଜାର ୯୭୧ କୋଟି ଟଙ୍କା ଦେଇଛନ୍ତି । ଋଣ ସୁଝିବା ବାବଦରେ ସରକାର ବଜେଟରେ ବର୍ଷକୁ ୨୩,୨୦୦ କୋଟି ଟଙ୍କାର ବରାଦ ରଖିଛନ୍ତି । ଏହି ପରିମାଣ ପ୍ରତି ବର୍ଷ ବଢ଼ିଚାଲିଛି । ଏହାକୁ ହିସାବକୁ ନେଲେ ଏବେ ରାଜ୍ୟର ମୁଣ୍ଡପିଛା ଋଣ ୨୫,୯୯୦ଟଙ୍କାରେ ପହଞ୍ଚିଲାଣି । ୨୦୨୩- ୨୪ରେ ଏହା ଥିଲା ୨୦, ୭୩୬ ଟଙ୍କା ।

ଯୋଜନା ପରେ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବିପୁଳ ଅର୍ଥ ଆବଶ୍ୟକ ଥିବାରୁ ଆଗାମୀ ଦିନରେ ସରକାର ପୁଣି ଋଣ କରିବାର ଆଶଙ୍କା ରହିଛି । ଅନ୍ୟ ଏକ ସୂଚନା ଅନୁସାରେ ମହିଳାଙ୍କୁ ମାଗଣା ଟଙ୍କା ବାଣ୍ଟିବା ଦ୍ୱାରା (ପ୍ରତ୍ୟକ୍ଷ ଅର୍ଥ ପ୍ରଦାନ) ରାଜ୍ୟ ଉପରେ ଆର୍ଥିକ ବୋଝ ବଢୁଛି । ଏବେ ଓଡ଼ିଶା ସମେତ ୧୨ଟି ରାଜ୍ୟ ସରକାର ଏପରି ଆର୍ଥିକ ବୋଝ ମୁଣ୍ଡାଇ ଚାଲିଛନ୍ତି । ଗୋଟିଏ ପଟେ ରାଜ୍ୟର ବିକାଶ ଧାରା ଅବ୍ୟାହତ ରଖିବା ଓ ଅନ୍ୟପଟେ ଋଣ ପରିଶୋଧ କରିବା ପାଇଁ ପୁଞ୍ଜି ସଂଗ୍ରହ ସରକାରଙ୍କ ପାଇଁ ଏବେ ଆହ୍ୱାନ ହୋଇଛି । ମୁଖ୍ୟମନ୍ତ୍ରୀ ଏଥିପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯାଉଥିବା କହୁଛନ୍ତି । ବିଶେଷ ଭାବେ ରାଜସ୍ୱ ଆୟ ବୃଦ୍ଧି ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି । ଏଥପାଇଁ କିଛି ନୂଆ କ୍ଷେତ୍ରରୁ ରାଜସ୍ୱ ଆଦାୟ ନ୍ୟାସନାଲ ସ୍କୁଲ ସେଭିଙ୍ଗ ପାଣ୍ଠିରୁ ଉଧାର ଆଣିବା ଉପରେ ନିୟନ୍ତ୍ରଣ, 'କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ ସ୍କିମ୍ ବା ପୁଞ୍ଜି ବିନିଯୋଗ ଜରିଆରେ ରାଜ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ସହାୟତା ହାସଲ କରିବା ଏବଂ ସୁଧ ମୁକ୍ତ ଋଣ ଆଣିବା ବିଷୟ ସରକାର ଚିନ୍ତା କରୁଛନ୍ତି ସରକାର । ଏତଦ୍ ବ୍ୟତୀତ ଦରକାର ଆର୍ଥିକ ବୋଝ ହ୍ରାସ ପାଇଁ ବିଭିନ୍ନ ବିଭାଗରେ ଆର୍ଥିକ ସଂସ୍କାରଣ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସମ୍ପ୍ରତି ଜିଏସ୍‌ଟି ସଂସ୍କାର ହେବା ପରେ ଟିକସ ଜନିତ ଆୟ ବୃଦ୍ଧି ପାଇବା ସମ୍ଭାବନା ରହିଛି । ସମାଲୋଚକଙ୍କ ମତ ଯେ ଭୋଟ୍ ସର୍ବସ୍ୱ ରାଜନୀତିରେ ମାଗଣା ଯୋଜନା, ଟଙ୍କା ବାଣ୍ଟିବା ଓ ବେହିସାବ ଖର୍ଚ୍ଚ ଯୋଗୁଁ ସରକାରଙ୍କ ଋଣ ପରିମାଣ ବଢ଼ିଚାଲିଛି । ଆଉ ଗୋଟିଏ ବଡ଼ କଥା ହେଉଛି, କେନ୍ଦ୍ର ସରକାର ସବୁଥିରେ ଟିକସ ଲଗାଇବା ସହ ବୃଦ୍ଧି ମଧ କରିଛନ୍ତି । ସବୁ କାମରେ ଓ ସବୁ ସାମଗ୍ରୀରେ ଟିକସ ବୃଦ୍ଧି ଯୋଗୁଁ ପ୍ରତ୍ୟେକ ସାମଗ୍ରୀ ମହଙ୍ଗା ହୋଇଛି । ଏମିତି କି ଗତ ଦେଢ଼ ଦଶନ୍ଧି ମଧରେ ଦରଦାମ ପ୍ରାୟ ୧୦ଗୁଣ ବଢ଼ିଛି ।

ଜନସଂଖ୍ୟାର ସର୍ବନିମ୍ନ ସ୍ତରରେ ଥିବା ୫୦ ପ୍ରତିଶତ ନାଗରିକ ଅନାବଶ୍ୟକ ଭାବେ ଜିଏସ୍‌ଟି ବୋଝ ସହୁଛନ୍ତି । ସରକାରଙ୍କ ଜିଏସ୍‌ଟି ଆୟ ପରିମାଣ ପ୍ରତିବର୍ଷ ବଢ଼ିଚାଲିଛି । ଜିଏସ୍‌ଟି ଜନକଲ୍ୟାଣଭିତ୍ତିକ ନହେବା ନେଇ ବହୁ ଅଭିଯୋଗ ଆସିଲା ପରେ ସରକାର ବାଧ ହୋଇ ଏଥିରେ ସଂସ୍କାର ଆଣିଛନ୍ତି । ଜିଏସ୍‌ଟି ହ୍ରାସର ପ୍ରକୃତ ଲାଭ ଜନତା ପାଉନାହାନ୍ତି । ଏହା ଦ୍ୱାରା ଦରଦାମ ଯେତିକି ହ୍ରାସ ପାଇବା କଥା ତାହା ହୋଇନଥିବା ଲକ୍ଷ୍ୟ କରାଯାଉଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ବଜେଟ ପରିମାଣ ୨୦୦୦ ମସିହାରେ ୧୧ହଜାର କୋଟି ଟଙ୍କା ରହିଥିଲା । ସେତେବେଳେ ୧୯ ହଜାର କୋଟି ଟଙ୍କାର ଋଣ ରହିଥିଲା । ୨୦୨୩ ଏପ୍ରିଲ୍ ୧ ସୁଦ୍ଧା ରାଜ୍ୟର ଋଣ ଭାର ବୃଦ୍ଧି ପାଇ ୯୬,୩୧୦କୋଟି ଟଙ୍କାରେ ପହଞ୍ଚିଲା । ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଋଣ ଭାର ଅପେକ୍ଷାକୃତ କମ୍ ରହିଛି ।

ଓଡ଼ିଶାଠାରୁ ବିକାଶରେ ଆଗୁଆ ରହିଥିବା ରାଜ୍ୟଗୁଡିକର ଋଣ ଭାର ଓଡ଼ିଶାଠାରୁ ଢେର ଅଧିକ । ଗୁଜରାଟ, ପଶ୍ଚିମବଙ୍ଗ, ରାଜସ୍ଥାନ, ହରିୟାଣା, ଛତିଶଗଡ଼, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟର ଋଣ ଭାର ଓଡ଼ିଶାଠୁଁ ବହୁ ଅଧିକ । ତା' ବୋଲି ଯେ ଓଡ଼ିଶାବାସୀ ଖୁସି ହେବେ ତାହା ଠିକ୍ ନୁହେଁ । ବର୍ଷ ବର୍ଷ ଧରି ଅଭିଯୋଗ ହୋଇଆସୁଛି ଯେ ଓଡ଼ିଶା ସରକାର ବଜେଟ ଅର୍ଥ ଖର୍ଚ୍ଚ କରିପାରୁ ନାହାନ୍ତି । ପୁନଶ୍ଚ କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ କରିବାରେ ମଧ ପଛୁଆ ବୋଲି କୁହାଯାଏ । ନୂଆ ସରକାର ଆସିବା ପରେ ଏ ଅଭିଯୋଗ ଆଉ ପ୍ରାୟ ଶୁଭୁନାହିଁ । ନିକଟରେ ପ୍ରକାଶିତ ଖବର ଅନୁଯାୟୀ, ଚଳିତ ବର୍ଷ ଅଦ୍ୟାବଧି ବଜେଟ୍ ବ୍ୟୟ ପୂର୍ବ ବର୍ଷ ତୁଳନାରେ ୧୩ ପ୍ରତିଶତ ବୃଦ୍ଧି ଘଟିଥିବାବେଳେ ରାଜସ୍ୱ ଆୟ ମଧ ୭ ପ୍ରତିଶତ ବଢ଼ିଥିବା ସରକାର କହିଛନ୍ତି । ଏହା ଭଲ ; କିନ୍ତୁ ତଥ୍ୟ ବାସ୍ତବଧର୍ମୀ ହେବା ଆବଶ୍ୟକ ; ତେବେ ଯାଇ ଲୋକେ ଲାଭ ପାଇବେ ।



# ବିବାହର ଲକ୍ଷ୍ୟ

## ମହାତ୍ମା ଗାନ୍ଧୀ

ଏକତ୍ର ସେବା କରିବା ନିମନ୍ତେ ଯେଉଁସବୁ ବିବାହ କରାଯାଏ, ସେଗୁଡିକ ଅବଶ୍ୟ ଆଶୀର୍ବାଦ ଲାଭ କରିଥାନ୍ତି । ଆତ୍ମ ସନ୍ତୋଷ ନିମନ୍ତେ ଯେଉଁସବୁ ବିବାହ କରାଯାଏ, ଆଦୌ କୌଣସି ଆଶୀର୍ବାଦ ଲାଭ କରିବା ନିମନ୍ତେ ସେଗୁଡିକ ଅଯୋଗ୍ୟ ହୋଇ ରହିଥାନ୍ତି । ପ୍ରକୃତରେ କହିବାକୁ ଗଲେ ପୁରୁଷ ଓ ନାରୀ ଭିତରେ ଅନ୍ତରଙ୍ଗ ବନ୍ଧୁତା ତଥା ସହଚାରିତା ହିଁ ଯାବତୀୟ ବିବାହର ଯଥାର୍ଥ ଲକ୍ଷ୍ୟ ହୋଇ ରହିବା ଉଚିତ । ଏଥିରେ ଯୌନତୃପ୍ତି ନିମନ୍ତେ ଆଦୌ କୌଣସି ସ୍ଥାନ ନାହିଁ । ଯୌନଲାଳସାର ପରିତୃପ୍ତି ନିମନ୍ତେ ଯେଉଁ ବିବାହ କରା ଯାଇଥାଏ, ତାହା ବିବାହ ହିଁ ନୁହେଁ । ସେହି ପରିତୃପ୍ତିକୁ ଯଥାର୍ଥ ବନ୍ଧୁତାର ଖଣ୍ଡନ ବୋଲି କୁହାଯାଇ ପାରିବ ।

ସହଚାରିତା ଏବଂ ପାରସ୍ପରିକ ତତ୍ତ୍ୱ ନେବାକୁ ଲକ୍ଷ୍ୟ କରି ହୋଇଥିବା ଇଂଲଣ୍ଡର ଏକାଧିକ ବିବାହର କଥା ମୋତେ ଜଣା ଅଛି । ମୋ' ନିଜ ବିବାହ ସମ୍ବନ୍ଧରେ କିଛି ଉଲ୍ଲେଖ କରିବାକୁ ଯଦି ଏଠାରେ ଅପ୍ରାସଙ୍ଗିକ ବୋଲି ବିଚାର କରା ନ ଯାଏ, ତେବେ ମୁଁ କହିପାରିବି ଯେ, ଯେତେବେଳେ ମୋ' ପତ୍ନୀ ଏବଂ ମୁଁ ଯୌନ ସମ୍ପର୍କକୁ ପରିତ୍ୟାଗ କଲୁ ଏବଂ ତାହା ଆମ ଯୌବନାବସ୍ଥାର ମଧ ଭାଗରେ ହିଁ ଘଟିଥିଲା ସେତେବେଳେ ଯାଇ ଆମେ ବିବାହିତ ଜୀବନର ଯଥାର୍ଥ ଆନନ୍ଦକୁ ଆସ୍ୱାଦନ କରିଥିଲୁ । ସେତେବେଳେ ଯାଇ ଆମର ପାରସ୍ପରିକତା ପ୍ରସ୍ଫୁଟିତ ହୋଇ ଉଠିଥିଲା ଏବଂ ଆମେ ଉଭୟ ଭାରତବର୍ଷର ତଥା ସାଧାରଣ ଭାବରେ କହିଲେ ମନୁଷ୍ୟଜାତିର ପ୍ରକୃତ ସେବା ଲାଗିବା ଲାଗି ସମର୍ଥ ହୋଇଥିଲୁ । ସେହି ଆତ୍ମତ୍ୟାଗ ବସ୍ତୁତଃ ସେବା କରିବା ନିମନ୍ତେ ଆମର ବଳବତୀ ଇଚ୍ଛାରୁ ହିଁ ଜନ୍ମଲାଭ କରିଥିଲା ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଚିରାଚରିତ ଭାବରେ ଅଗଣିତ ବିବାହ ସଂଘଟିତ ହେଉଛି ଏବଂ ବାହାରେ ମଧ ଲାଗିଥିବ । ଏହିସବୁ ବିବାହରେ ବୈବାହିକ ଜୀବନର ଦୈହିକ ଦିଗଟିକୁ ସବୁଠାରୁ ଅଧିକ ପ୍ରଧାନତା ଦିଆଯାଇଛି ।

ଜିହ୍ୱାର ତୃପ୍ତିସାଧନ କରିବା ଲାଗି ଅଗଣିତ ମନୁଷ୍ୟ ଖାଦ୍ୟ ଖାଉଛନ୍ତି, ମାତ୍ର ତା ବୋଲି ଏହି ଲାଳସାଟିକୁ ଯେ ଜଣେ ମନୁଷ୍ୟର କର୍ତ୍ତବ୍ୟ ବୋଲି କୁହାଯିବ, ସେକଥା ଆଦୌ ନୁହେଁ । ଖୁବ୍ କମ୍ ଲୋକ ଅଛନ୍ତି, ଯେଉଁମାନେ କି ବଞ୍ଚିବାଲାଗି ଖାଦ୍ୟ ଖାଉଛନ୍ତି, ମାତ୍ର ସେହିମାନେ ହିଁ ଖାଦ୍ୟ ଗ୍ରହଣର ଯଥାର୍ଥ ବିଧାନଟିକୁ ଜାଣିଛନ୍ତି । ସେହିପରି ବିବାହ ବନ୍ଧନର ପବିତ୍ରତା ଏବଂ ଶୁଦ୍ଧତାକୁ ଅନୁଭବ କରିବା ପାଇଁ ଓ ତାହାରି ଦ୍ୱାରା ଅନ୍ତରସ୍ଥ ଦିବ୍ୟତାର ଉପଲବ୍ଧି କରିବା ପାଇଁ ଯେଉଁମାନେ ବିବାହ କରୁଛନ୍ତି, କେବଳ ସେହିମାନେ ହିଁ ଯଥାର୍ଥରେ ବିବାହ କରୁଛନ୍ତି ।

# ମୂଳାର ସ୍ୱାସ୍ଥ୍ୟୋପଯୋଗୀ ଗୁଣ

**ମୂ**ଳାରେ ଭରି ରହିଥାଏ ଭିଟାମିନ୍ ସି ସମେତ ଅନେକ ଉପକାରୀ ପୋଷଣ ତତ୍ତ୍ୱ ଯଦ୍ୱାରା ଏହାକୁ ଖାଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବଢିବାରେ ସହାୟକ ହୋଇଥାଏ । କୋଷ୍ଠକାଠିନ୍ୟ ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଇଁ ବି ମୂଳା ଖାଇବା ସର୍ବୋତ୍ତମ । କାରଣ ମୂଳା ଖାଇବା ଦ୍ୱାରା ପାଚନକ୍ରିୟା ଠିକ୍ ରହିଥାଏ ବୋଲି କୁହାଯାଏ । ଅନ୍ୟପକ୍ଷେ ମୂଳା କିଡ୍‌ନୀ ପାଇଁ ମଧ ଉପକାରୀ ହୋଇଥାଏ । କୁହାଯାଏ, ନିୟମିତ ବ୍ୟବଧାନରେ ମୂଳା ଖାଇବା ଦ୍ୱାରା କିଡ୍‌ନୀ ଷ୍ଟୋନ ହେବାର ଆଶଙ୍କା ସେତେ ବେଶୀ ରହେନାହିଁ । ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିବା ସହିତ ବ୍ଲକ୍ ସୁଗାରକୁ ବି ନିୟନ୍ତ୍ରଣରେ ରଖିବାରେ ମୂଳା ବେଶ୍ ସହାୟକ ହୋଇଥାଏ । ତା'ଛଡ଼ା ଏଥିରେ ପୋଟାସିୟମ୍‌ର କିଛି ମାତ୍ରା ରହୁଥିବାରୁ, ଏହାକୁ ଖାଇଲେ ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ ବୋଲି ସୂଚନା ରହିଛି । କେବଳ ସେତିକି ନୁହେଁ, ଫୋଲେଟ୍ ନାମକ ଏକ ତତ୍ତ୍ୱ ମୂଳାରେ ରହିଥିବାରୁ, ଏହା ମସ୍ତିଷ୍କ ପାଇଁ ବି ବେଶ୍ ଉପକାରୀ ହୋଇଥାଏ । ଯେହେତୁ ଶୀତଦିନେ ଭଲ ମୂଳା ମିଳେ, ତେଣୁ ଏହାକୁ ପ୍ରତ୍ୟେହ ଖାଦ୍ୟ ତାଲିକାରେ ସାମିଲ କରିବା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ବୋଲି କୁହାଯାଇଥାଏ ।



ରାଜ୍ୟର ଆର୍ଥିକ ସ୍ଥିତି ସମ୍ପର୍କରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି, ଏବେ ରାଜ୍ୟରେ ଚାଲିଛି ଡବଲ ଇଞ୍ଜିନ ସରକାର । ଡବଲ ଇଞ୍ଜିନ କହିଲେ, ସଂଘୀୟ ଗଣତନ୍ତ୍ରରେ କେନ୍ଦ୍ର ଓ ରାଜ୍ୟରେ ସମାନ ରାଜନୈତିକ ଦଳର ଶାସନ । ଏପରି ବ୍ୟବସ୍ଥାରେ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶନରେ ଓ ଶାସକ ଦଳର ସ୍ୱାର୍ଥ ଅନୁସାରେ ରାଜ୍ୟର ଶାସନ ଚାଲେ । ବିଡ଼ମ୍ବନା ହେଉଛି ଯେ ଏହା ଦ୍ୱାରା ରାଜ୍ୟର ସ୍ୱାର୍ଥ ବିଶେଷ ଭାବେ ବଳି ପଡ଼େ ; ଯାହା ସାଧାରଣ ଜନତା ବୁଝିପାରନ୍ତି ନାହିଁ । ପୂର୍ବରୁ ରାଜ୍ୟରେ ସିଙ୍ଗଲ୍ ଇଞ୍ଜିନ୍ ସରକାର ଥିଲା । ଏପରି ଶାସନରେ ରାଜ୍ୟ ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ ରହିଥାଏ । ଓଡ଼ିଶା ଏହାର ପ୍ରକୃଷ୍ଟ ଉଦାହରଣ । ଓଡ଼ିଶାର ସ୍ୱାର୍ଥକୁ ଦୀର୍ଘକାଳ କେନ୍ଦ୍ର ଓ ରାଜ୍ୟରେ ଶାସନ କରିଥିବା କଂଗ୍ରେସ ଅବହେଳା କରିଥିଲା । ଏହାର ନେତାମାନେ ରାଜ୍ୟର ସ୍ୱାର୍ଥ ସାଧନ ତୁଳନାରେ ଦଳୀୟ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଆସିଥିଲେ । ରାଜ୍ୟର ନେତାମାନେ ମଧ କେନ୍ଦ୍ର ନିକଟରେ ରାଜ୍ୟର ଦାବି ଉପସ୍ଥାପନ କରିବାରେ ଅବହେଳା କରିଆସିଥିଲେ । ଏହି ଦଳୀୟ ରାଜନୈତିକ ଅବହେଳାରୁ ଓଡ଼ିଶାର ବିକାଶ ହୋଇପାରି ନ ଥିଲା । ଏମିତି କି ଗତ ଦଶନ୍ଧି ମଧରେ କେନ୍ଦ୍ର ସରକାରଙ୍କ ସହ ଓଡ଼ିଶା ସରକାର ସହଯୋଗ ରଖୁସିଥିଲେ ମଧ ରାଜନୈତିକ ସ୍ୱାର୍ଥ ଦୃଷ୍ଟିରୁ କେନ୍ଦ୍ର ସରକାର ରାଜ୍ୟର ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଇ ନ ଥିଲେ ।

ଓଡ଼ିଶାର ବିକାଶ ଓ ସଂଘୀୟ ସମସ୍ୟା ସମାଧାନ କ୍ଷେତ୍ରରେ ଜାଣି ଶୁଣି ଅବହେଳା କରିଆସିଥିଲେ । ତେଣୁ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ଆଞ୍ଚଳିକ ଦଳର ଆବଶ୍ୟକତା ଥିଲା । ବିଜୁ ଜନତା ଦଳ ଦୀର୍ଘ ୨୪ ବର୍ଷର ନିରବଚ୍ଛିନ୍ନ ଶାସନ କାଳରେ ଲୋକଙ୍କ ଆଶା ଆକାଂକ୍ଷା ଅନେକ ପରିମାଣରେ ପୂରଣ କରିବାରେ ସଫଳ ହେବା ସହ ବିକାଶର ଚିତ୍ର ସ୍ପଷ୍ଟ କରିଥିଲା । ରାଜନୈତିକ ବିରୋଧୀମାନେ ମଧ ଏହା ସ୍ୱୀକାର କରନ୍ତି ।

ଓଡ଼ିଶା ଦେଶର ସବୁଠୁ ଗରିବ ଓ ଅନଗ୍ରସର ରାଜ୍ୟ ଭାବେ ପାଇଆସିଥିବା ଦୁର୍ନାମକୁ ଦୂର କରି ଜାତୀୟ ଓ ଆନ୍ତର୍ଜାତିକ କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲା । ବହୁ କ୍ଷେତ୍ରରେ ଏହା ସଫଳତା ହାସଲ ରଖିବା ସହ ଅନ୍ୟମାନଙ୍କ ପାଇଁ ବିକାଶର ଦୃଷ୍ଟାନ୍ତ ପାଲଟିଥିଲା । ଯେଉଁ ରାଜ୍ୟରେ ଦିନେ ସରକାରୀ କର୍ମଚାରୀଙ୍କୁ ଦରମା ଦେବା ପାଇଁ ରାଜ୍ୟ ସରକାରଙ୍କୁ ଋଣ କରିବାକୁ ପଡୁଥିଲା, ସେହି ରାଜ୍ୟର ଆର୍ଥିକ ପରିଚାଳନା ଶ୍ରେଷ୍ଠ ବିବେଚିତ ହେଲା ଓ ଏହାର ଆର୍ଥିକ ନୀତିକୁ ଅନେକ ଅନୁସରଣ କଲେ । ସାମାଜିକ କଲ୍ୟାଣ ସଂକ୍ରାନ୍ତ ଅନେକ ପଦକ୍ଷେପ ମଧ ଅନ୍ୟ ରାଜ୍ୟ ଅନୁସରଣ କରିବାକୁ ଲାଗିଲେ ।

ବିଜେଡି ଶାସନ ଅମଳରେ ଓଡ଼ିଶା ଯଦି ସିଙ୍ଗଲ୍ ଇଞ୍ଜିନ୍‌ର ହୀନମନ୍ୟତା ଓ ଅବହେଳାର ଶିକାର ହୋଇ ନ ଥା'ନ୍ତା । ତେବେ ଆଜି ଏକ ବିକଶିତ ରାଜ୍ୟରେ ପରିଣତ ହୋଇ ସାରିଥାନ୍ତା । ଦୀର୍ଘ ଅଢ଼େଇ ଦଶନ୍ଧି ପରେ ଓଡ଼ିଶାରେ ପୁନର୍ବାର ଡବଲ୍ ଇଞ୍ଜିନ୍- ସରକାର ଗଠନ ହୋଇଛି । ପଡ଼ୋଶୀ ଛତିଶଗଡ଼ରେ ବିଜେପି ଓ ଆନ୍ଧ୍ରପ୍ରଦେଶରେ ବିଜେପି ସହଯୋଗୀ ଟିଡିପି କ୍ଷମତାସୀନ । ଓଡ଼ିଶା ମାଟିର ଜଣେ ଆଦିବାସୀ ମହିଳା ଏବେ ଦେଶର ରାଷ୍ଟ୍ରପତି । ଓଡ଼ିଶାବାସୀ, ବିଶେଷ କରି ଆଦିବାସୀମାନେ ତାଙ୍କଠାରୁ ଅନେକ କିଛି ଆଶା କରିବା ସ୍ୱାଭାବିକ । ପ୍ରଧାନମନ୍ତ୍ରୀଙ୍କ ସମେତ ବିଜେପିର ବହୁ କେନ୍ଦ୍ରୀୟ ନେତା ଘନଘନ ଓଡ଼ିଶା ଗସ୍ତରେ ଆସୁଛନ୍ତି । ସେମାନଙ୍କ ଭାଷାରେ ତଥା ଡବଲ୍ ଇଞ୍ଜିନ ସରକାରଙ୍କ ପ୍ରଚାର ଅନୁସାରେ ଓଡ଼ିଶା ଏବେ ଶାସନର ଅମୃତ କାଳ ମଧରେ ଯାତ୍ରା କରୁଛି । ଏ ସବୁକୁ ବିଚାରକୁ ନେଲେ ସ୍ୱାଭାବିକ ଭାବେ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ଦୀର୍ଘଦିନର ସ୍ୱାର୍ଥ ଓ ସ୍ୱାଭିମାନ ସମ୍ବଳିତ ଦାବିଗୁଡ଼ିକର ପୂରଣ ପ୍ରକ୍ରିୟା ଆଶାତୀତ ବେଗରେ ତ୍ୱରାନ୍ୱିତ ହେବାର ସମସ୍ତ ସୁଯୋଗ ଓ ସମ୍ଭାବନା ରହିଛି । ସରକାର ଯୋଜନା ପରେ ଯୋଜନା ଖର୍ଚ୍ଚ କରନ୍ତୁ ; କିନ୍ତୁ ଏହା ଲୋକଙ୍କୁ କର୍ମନିଯୁକ୍ତି ପ୍ରଦାନର ସୁଯୋଗ ସୃଷ୍ଟି କରିବା ସହ ଯେମିତି କଲ୍ୟାଣକାରୀ ହେବ ଯୋଜନା ସେଭଳି ହେବା ଉଚିତ । ଅତଏବ ସରକାରଙ୍କ ଆର୍ଥିକ ନୀତି ଓ ଆର୍ଥିକ ପରିଚାଳନା ଯେମିତି ଜନଶୋଷଣମୁଖୀ ନହୋଇ ଜନକଲ୍ୟାଣଧର୍ମୀ ହେବ ସେଥିପ୍ରତି ଧ୍ୟାନ ଦିଆଗଲେ ଲୋକଙ୍କ ଉପକାର ହେବ ; ସରକାର ବି ବାହାବା ନେବେ ।

# ସ୍ୱର୍ବେଦ

**ସୃଷ୍ଟି ଜାଲ ୱେ ବୁନତୀ, ପ୍ରାକୃତ ୟହ ସଂସାର ।**
**ପଞ୍ଚଭୂତ ଦ୍ୟୋ ଅୱନୀ କୋ, ଧ୍ରୁୱ ସୂର୍ଯ୍ୟାଦି ସୱାଁର ॥୭୫॥**


ଭାଷ୍ୟ - ପଞ୍ଚଭୂତ, ଦ୍ୟୋ, ପୃଥିବୀ, ଧ୍ରୁବ ଏବଂ ସୂର୍ଯ୍ୟ ଆଦିକୁ ନେଇ ଏହି ପ୍ରାକୃତିକ ସଂସାର ରୂପୀ ସୃଷ୍ଟିଜାଲକୁ ବୁଣନ୍ତି ।

**ଦୋନୋ ମାନୌଁ ନାଚତୀ, ଛୋଟୀ ବଡ଼ୀ ନ ଜ୍ଞାନ ।**
**ପୁରୁଷ ଜାଲ ଜଗ କା ବୁନେ, ୱହୀ ଉକେଲତ ମାନ ॥୭୬॥**

ଭାଷ୍ୟ - ସେ ଦୁଇ ଯୁବତୀ ସତେ ଯେପରି ନାଚୁଛନ୍ତି । ସେ ଦୁହିଙ୍କ ଭିତରେ ଛୋଟ ବଡ଼ର ଜ୍ଞାନ ନାହିଁ । ସମସ୍ତ ବିଶ୍ୱରୂପୀ ଜାଲକୁ ପୁରୁଷ ହିଁ ବୁଣନ୍ତି ଏବଂ ସେ ହିଁ ତାହାକୁ ନାଶ କରନ୍ତି ଅର୍ଥାତ୍ ସଂହାର କରିଥାନ୍ତି ।

**ୱହ ଅକ୍ଷର ଜଗ ପୁରୁଷ ହୈ, କହେଁ ପ୍ରଜାପତି ସୋୟ ।**
**ସୃଷ୍ଟି ପ୍ରଲୟ ହୈ ତାହି ମେଁ, ଶ୍ରୁତି ପରତିପାଦିତ ସୋୟ ॥୭୭॥**

ଭାଷ୍ୟ - ସଂସାର ଜାଲର ବୁଣାକାର, ଏହାର ନିର୍ମାତା ପୁରୁଷ ଅକ୍ଷର ଅଟନ୍ତି ଯାହାଙ୍କୁ ପ୍ରଜାପତି କହିଥାନ୍ତି । ସୃଷ୍ଟି ଆଉ ପ୍ରଳୟ




ତାଙ୍କର ଭିଆଣ ଯାହାଙ୍କୁ ବେଦ ପ୍ରତିପାଦିତ କରେ ।

**ଦିୱ ଭୂମୀ ଧାରଣ କରେ, ଆପ ମୟୁଖା ଭାର ।**
**ୱାୟୁ ସୂର୍ଯ୍ୟ ଚନ୍ଦ୍ରାଦି ୱେ, ତନ୍ତୁ ଜାଲ ସବ ପାର ॥୭୮॥**

ଭାଷ୍ୟ - କିରଣ ହିଁ ସ୍ଥିର ରହି ସୃଷ୍ଟି ଧାରଣ କରେ । ସେ ହିଁ ବାୟୁ, ସୂର୍ଯ୍ୟ, ଚନ୍ଦ୍ର ଆଦି ସମସ୍ତ ସୃଷ୍ଟିରୂପୀ ତନ୍ତୁଜାଲକୁ ବୁଣିଛନ୍ତି ।

**ଜଡ଼ ୱ ସୃଷ୍ଟି ପ୍ରଥମେ ବନେ, ତବ ପୀଛେ ଜିୱ ଧାର ।**
**ଜ ଡ଼ ଚେତନ ମେଲା ବନେ, ଦୋନୌଁ ଜଗ ୱିସ୍ତାର ॥୭୯॥**

ଭାଷ୍ୟ - ସର୍ବାଗ୍ରେ ଜଡ଼ ସୃଷ୍ଟିର ନିର୍ମାଣ ହୋଇଥାଏ, ଏହା ପରେ ଜୀବଧାରୀ ପ୍ରାଣୀ ପ୍ରକଟ ହୁଅନ୍ତି, ପୁଣି ଜଡ଼ ଚେତନ ଦୁଇଟିର ସମ୍ବନ୍ଧରୁ ସଂସାରର ବିସ୍ତାର ହୋଇଥାଏ ।

**॥ ଅଥର୍ବ ବେଦ କାଣ୍ଡ - ୧୦, ସୂକ୍ତ - ୭ର ପ୍ରଶ୍ନଗୁଡ଼ିକର ଉତ୍ତର ସମାପ୍ତ ॥**

**ଅଥର୍ବ ବେଦର ପ୍ରଶ୍ନ ଉତ୍ତର**

**ଦ୍ୱାଦଶ ପ୍ରଧି ପରିମାଣ ହୈ, ତୀନ ନାଭି ତିନ ସନ୍ଧି ।**
ଅସ୍ଥି ତୀନ ସୌ ସାଠ ହୈ, ସୋୟ ଖୁଁଟା ୱପୁ ବନ୍ଧ ॥୮୦॥

ଭାଷ୍ୟ - ଦ୍ୱାଦଶ ପରିଧି ପରିମାଣ । ତିନି ନାଭି ଆଉ ତିନି ସନ୍ଧି ରହିଛି । ତିନି ଶହ ଷାଠିଏ ଅସ୍ଥି ବିଶିଷ୍ଟ ଖୁଣ୍ଟରେ ଏହି ଶରୀର ବନ୍ଧା ହୋଇଛି ।

**ନସନ ତୀନ ସୌ ସାଠ ହୈ, କୀଲ ଲଗୀ ଇସ ମାହିଁ ।**
**ଅୱିଚଲ ଅଚଲା ଜାନିୟେ, ଜାନତ କୋ ଜଗ ମାହିଁ ॥୮୧॥**

ଭାଷ୍ୟ - ଶରୀରରେ ତିନି ଶହ ଷାଠିଏ ଶିରା ପ୍ରଶିରା ଅଛନ୍ତି । ଏଥିରେ ଯେଉଁ କଂଟା ଲଗାଯାଇଛି ସେଗୁଡ଼ିକ ଅବିଚଳ ଅଟନ୍ତି, ଏଗୁଡ଼ିକୁ ସଂସାରରେ କିଏ ଜାଣେ ?

**ପୂର୍ଣ୍ଣ ରୂପ ମୈଁ ଜାନତା, ବ୍ରହ୍ମଚକ୍ର ୱିସ୍ତାର ।**
**ବ୍ରହ୍ମୱିଦ୍ୟା ଗୁଢ଼ ତତ୍ତ୍ୱ ହୈ, ସଦ୍‌ଗୁରୁ କୃପା ଅପାର ॥୮୨॥**

ଭାଷ୍ୟ - ମୁଁ ବ୍ରହ୍ମଚକ୍ର ବିସ୍ତାର ବିଷୟରେ ସମ୍ପୂର୍ଣ୍ଣ ଭାବରେ ଜାଣିଛି । ଯାହା ଉପରେ ସଦ୍‌ଗୁରୁଙ୍କର କୃପା ହୁଏ, ସେ ଏହି ବ୍ରହ୍ମବିଦ୍ୟାର ଗୂଢ଼ ତତ୍ତ୍ୱକୁ ଜାଣିପାରେ ।

**କ୍ଷର ଅକ୍ଷର ନିଃଶବ୍ଦ ହୈ, ୱର ୱିରାଜ ପର ଧାମ ।**
**ପ୍ରକୃତି ପିଣ୍ଡ ବ୍ରହ୍ମାଣ୍ଡ ହୈ, ବ୍ରହ୍ମଚକ୍ର ଅଜ କାମ ॥୮୩॥**

ଭାଷ୍ୟ - କ୍ଷର, ଅକ୍ଷର, ନିଃଶବ୍ଦ ଆଦି ଏ ତିନି ତତ୍ତ୍ୱ ରହିଛନ୍ତି ଯେଉଁଥିରେ ଉତ୍କୃଷ୍ଟ, ପ୍ରଧାନ ବିରାଜଧାମ ଅଟେ । ପ୍ରକୃତି, ପିଣ୍ଡ ଆଉ ବ୍ରହ୍ମାଣ୍ଡ ଏହା ବ୍ରହ୍ମଚକ୍ର ଅଟେ ଯେଉଁଥିରେ ନିତ୍ୟ ଆତ୍ମାର କାର୍ଯ୍ୟ ସମ୍ପନ୍ନ ହୋଇଥାଏ ।

**ଅକ୍ଷର ଏକ ମହାନ ହୈ, ପଞ୍ଚ ଶବ୍ଦ ବ୍ରହ୍ମାଣ୍ଡ ।**
**ଷଟ ୟମ ୟାକୋ ଜାନିୟେ, ଜଗମଗୟ ୟାକର ମାଣ୍ଡ ॥୮୪॥**

ଭାଷ୍ୟ - ଗୋଟିଏ ମହାନ୍ ଅକ୍ଷର ଏବଂ ବ୍ରହ୍ମାଣ୍ଡର ପାଞ୍ଚଶବ୍ଦ, ଏହା ଷଟ୍ ୟମ ଅଟନ୍ତି ଯାହାର ପ୍ରକୃତି ଜଗତ ଅଥବା ଶରୀରରେ କ୍ରିୟା ହୋଇଥାଏ ।

## ସ୍ୱାସ୍ଥ୍ୟ ପାଇଁ ଭଲ ପାଳଙ୍ଗ ଜୁସ୍

ସାଧାରଣତଃ ପାଳଙ୍ଗ ତରକାରି କିମ୍ବା ପରଟା କରି ଖାଇବାକୁ ଲୋକେ ଖୁବ୍ ପସନ୍ଦ କରିଥାନ୍ତି । କିନ୍ତୁ ପାଳଙ୍ଗ ଜୁସ୍ ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ।

କେମିତି ଖାଇବେ : ପାଳଙ୍ଗ ଜୁସ୍ ପତଳା କରନ୍ତୁ ନାହିଁ । ନଚେତ ଏହାର ଫାଇବର ନଷ୍ଟ ହୋଇଯାଇଥାଏ ।



ରାସାୟନିକ ତତ୍ତ୍ୱ : ପାଳଙ୍ଗରେ ଭିଟାମିନ୍ ଏ, ବି, ସି, ଇ, କେ ଓ ବି-କମ୍ପ୍ଲେକ୍ସ ଉତ୍ତମ ମାତ୍ରାରେ ରହିଥାଏ । ଏଥି ସହିତ ଏଥିରେ ମାଙ୍ଗାନିଜ, କ୍ୟାରୋଟିନ୍, ଆଇରନ, ଆୟୋଡିନ୍, କ୍ୟାଲସିୟମ, ପୋଟାସିୟମ, ସୋଡିୟମ, ଫସଫରସ ଓ ଆମିନୋ ଏସିଡ୍ ରହିଛି ।

ପାଳଙ୍ଗରେ ଭିଟାମିନ୍‌ର ଉତ୍ତମ ମାତ୍ରା ରହିଥାଏ, ପାଳଙ୍ଗ ଜୁସ୍ ପିଇବା ଦ୍ୱାରା ଅସ୍ଥି ମଜଭୁତ ହୋଇଥାଏ ।

ପାଚନ କ୍ରିୟା ଉତ୍ତମ ହୋଇଥାଏ, ଫଳରେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରକୁ ବାହାର କରିବାରେ ସହାୟକ ହୋଇଥାଏ । କବଜ ଦୂର କରେ ।

ଯଦି ତ୍ୱଚା ସହିତ ଜଡିତ କୌଣସି ସମସ୍ୟା ରହିଥାଏ ତେବେ ପାଳଙ୍ଗ ଜୁସ୍ ପିଇବା ଲାଭଦାୟକ । ପାଳଙ୍ଗ ଜୁସ୍ ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ । କେଶ ପାଇଁ ଏହା ରାମବାଣ ପରି କାମ କରେ, କେଶକୁ ଉପୁଡିବାକୁ ଦିଏ ନାହିଁ ।

ଗର୍ଭାବସ୍ଥାରେ ମଧ ପାଳଙ୍ଗ ଜୁସ୍ ପିଇବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି । ପାଳଙ୍ଗ ଜୁସ୍ ପିଇବା ଫଳରେ ଗର୍ଭବତୀଙ୍କ ଶରୀରରେ ଆଇରନ କମ୍ ହୋଇ ନ ଥାଏ ।

ଅଧ୍ୟୟନରେ କୁହାଯାଇଛି କି ପାଳଙ୍ଗରେ ଥିବା କ୍ୟାରୋଟିନ୍ ଓ କ୍ଲୋରୋଫିଲ୍ କ୍ୟାନସରରୁ ରକ୍ଷା କରିବାରେ ସହାୟକ ହୋଇଥାଏ । ଏହା ବ୍ୟତୀତ ଦୃଷ୍ଟି ଶକ୍ତି ଉତ୍ତମ ରହିଥାଏ ।

## ‘ଓଡ଼ିଶାରେ ମାଁ ଭଟ୍ଟାରିକାଙ୍କ... (ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ସେମାନେ ହେଉଛନ୍ତି ଧବଳେଶ୍ୱର, ରାମେଶ୍ୱର, କପିଳେଶ୍ୱର ଏବଂ ସୋମନାଥ ଯେଉଁମାନଙ୍କ ପାଇଁ ଚାରିଥାଳୀ ଭୋଗର ବ୍ୟବସ୍ଥା ରହିଛି । ମନ୍ଦିର ଅପର ପାର୍ଶ୍ୱରେ ବୀର ହନୁମାନଙ୍କ ମନ୍ଦିର ରହିଛି ।

ପର୍ବପର୍ବାଣୀ- ଆଶ୍ୱୀନ ଦ୍ୱିତୀୟା ଅବସରରେ ମାଁ ଭଟ୍ଟାରିକାଙ୍କ ପୀଠରେ ପ୍ରବଳ ଜନ ସମାଗମ ହୋଇଥାଏ । ଦୂର ଦୂରାନ୍ତରୁ ଭକ୍ତଗଣ ଆସିଥାନ୍ତି । ମାଁଙ୍କ ସେବାପୂଜା ପାଇଁ ସ୍ୱତନ୍ତ୍ର ପୂଜକ ନିୟୋଜିତ ଅଛନ୍ତି । ସକାଳ ଧୂପ (ସକାଳ ବଲ୍ଲଭ), ସନ୍ଧ୍ୟା ଆଳତୀ ଏବଂ ରାତ୍ରୀ ଭୋଗ ମାଁଙ୍କ ପୀଠରେ ପ୍ରତ୍ୟହ କରାଯାଇଥାଏ । ମକର ସଂକ୍ରାନ୍ତି, ପଣା ସଂକ୍ରାନ୍ତି, ଅକ୍ଷୟ ତୃତୀୟା ଏବଂ ଦଶହରା ହେଉଛି ପ୍ରତି ବର୍ଷ ପାଳିତ ହେଉଥିବା ପୀଠର ମୁଖ୍ୟ ପର୍ବ ।

ଆମ ଦେଶରେ ଶାକ୍ତ ଧର୍ମ ଅତୀବ ଲୋକପ୍ରିୟ ଓ ସାଧାରଣତଃ ଦେଖାଯାଏ ଯେ ଯଦିଓ ଅନେକ ଦେବୀ ସ୍ଥଳ ବିଶେଷରେ ଆବିର୍ଭୁତ ହୋଇଛନ୍ତି ସମୟକ୍ରମେ ସେମାନେ ଆଞ୍ଚଳିକ ଏବଂ ଏପରିକି ଜାତୀୟ ସ୍ତରର ମାନ୍ୟତା ହାସଲ କରି ପାରିଛନ୍ତି । ଉଦାହରଣ ସ୍ୱରୂପ ସମ୍ବଲପୁରର ମାଁ ଘଣ୍ଟେଶ୍ୱରୀ ଏବଂ ବଡ଼ମ୍ବା ନିକଟସ୍ଥ ମାଁ ଭଟ୍ଟାରିକାଙ୍କ ଆବିର୍ଭାବ ସ୍ଥାନୀୟ ଭାବରେ ହୋଇଥିଲେ ହେଁ ଆଞ୍ଚଳିକ ସ୍ତରରେ ଯଥେଷ୍ଟ ଲୋକପ୍ରିୟତା ପାଇ ପାରିଛନ୍ତି । ମାଁ ଭଟ୍ଟାରିକାଙ୍କ ମୁଖ୍ୟ ପୀଠ ବଡ଼ମ୍ବା ନିକଟରେ ତ୍ରେତାୟୁଗରୁ ରହିଥିବାର ଦୃଢ଼ ବିଶ୍ୱାସ ରହିଛି । କିନ୍ତୁ ଆମ ରାଜ୍ୟ ଓଡ଼ିଶାରେ ମାଁ ଭଟ୍ଟାରିକାଙ୍କ ଆଉ ଏକ ପୀଠ ରହିଛି । ମାଁ ଭଟ୍ଟାରିକାଙ୍କ ଦ୍ୱିତୀୟ ପୀଠ କୁମ୍ଭାରବନ୍ଧ ଗ୍ରାମରେ ରହିଛି ଯାହାକି ସମ୍ବଲପୁର ଠାରୁ ପ୍ରାୟ ନବେ ଏବଂ ଝାରସୁଗୁଡ଼ା ଠାରୁ ପ୍ରାୟ ଚାଳିଶ କିଲୋମିଟର ହେବା ଗ୍ରାମଟି ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ।

ପୃଷ୍ଠଭୂମି- କୁମ୍ଭାରବନ୍ଧ ଏକ ସୁନ୍ଦର ଗ୍ରାମ । ଜନଶ୍ରୁତି ଅଛି ଏହି ଗ୍ରାମରେ ଏକଦା ଅନେକ କୁମ୍ଭାର ବସବାସ କରୁଥିଲେ ଯେଉଁମାନେ କି ଗ୍ରାମରେ ବନ୍ଧ ବା ପୋଖରୀଖନନ କରିଥିଲେ । ସେଥିପାଇଁ ଗ୍ରାମର ନାମକରଣ ଏଭଳି ହୋଇଛି । ଗ୍ରାମରେ ଯାତୁକର୍ଣ୍ଣ ଗୋତ୍ରୀୟ ଆରଣ୍ୟକ ବ୍ରାହ୍ମଣମାନେ ମଧ ବସତି ସ୍ଥାପନ କରିଛନ୍ତି ।

ଏହି ବ୍ରାହ୍ମଣମାନେ ଗ୍ରାମ ବାହାରେ ଏକ ଛୋଟିଆ ପାହାଡ଼ ଉପରେ ତାଙ୍କ ଅଧିଷ୍ଠାତ୍ରୀ ଦେବୀ ମାଁ ଭଟ୍ଟାରିକାଙ୍କୁ ସ୍ଥାପନ କରିଛନ୍ତି । ଯାତୁକର୍ଣ୍ଣ ବ୍ରାହ୍ମଣ ମାନେ ହେଉଛନ୍ତି କାଶ୍ୟପ ଗୋତ୍ରୀୟ ।

ମନ୍ଦିର : ବର୍ତ୍ତମାନର ମନ୍ଦିରଟି ୧୯୯୪ ମସିହାରେ ପ୍ରତିଷ୍ଠିତ ହୋଇ ମାଁଙ୍କ ପୂଜାସେବା ଆରମ୍ଭ ହୋଇଥିଲେ । ମନ୍ଦିରର ନିର୍ମାଣ କାର୍ଯ୍ୟ ଦୀର୍ଘ ବାର ବର୍ଷ ଧରି ଚାଲିଥିଲା । ମନ୍ଦିରର ପ୍ରବେଶ ତୋରଣଟି ଖୁବ୍ ସୁନ୍ଦର ଭାବରେ ନିର୍ମିତ ହୋଇଛି ଏବଂ ଏଥିରେ ଦେବୀ ଦୁର୍ଗାଙ୍କର ବିଭିନ୍ନ ରୂପ ପ୍ରଦର୍ଶିତ ହୋଇଛି । ତୋରଣ ବା ମୁଖ୍ୟଦ୍ୱାର ଠାରୁ ମନ୍ଦିର ପର୍ଯ୍ୟନ୍ତ ପାହାଚ ଲମ୍ବିଯାଇଛି । ଏହା ହେଉଛି ଏକ ଅଷ୍ଟଚଣ୍ଡୀ ପୀଠ ଏବଂ ଦେବୀ ତ୍ରିପୁର ସୁନ୍ଦର ମାଁ ସୂର୍ଯ୍ୟ ଭଟ୍ଟାରିକା ଭାବରେ ପୂଜା ପାଉଛନ୍ତି । ଗର୍ଭଗୃହ ଭିତରେ ଥିବା ମାଁଙ୍କ ପ୍ରତିମା ମାର୍ବଲରେ ନିର୍ମିତ ହୋଇଛି । ଆଧୁନିକ ଶୈଳୀରେ ନିର୍ମିତ ଏହି ମନ୍ଦିର ପରିସରରେ ଭଗବାନ ଶିବ ଓ ବୀର ହନୁମାନଙ୍କ ମନ୍ଦିର ରହିଛି । ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିବେଷ୍ଟିତ ମନ୍ଦିର ପରିସର ଖୁବ୍ ଶାନ୍ତ ଓ କମନୀୟ । ନିକଟରେ ନିର୍ମିତ ହୋଇଥିବା ରମ୍ପେଲା ବ୍ରିଜ ଏବଂ ତଳେ ପ୍ରବାହିତ ହେଉଥିବା ଇବ୍ ନଦୀ ଏକ ଚିତ୍ତାକର୍ଷକ ଦୃଶ୍ୟ ପରିବେଷଣ କରିଥାଏ ।

ପର୍ବପର୍ବାଣୀ- ମାଁ ସୂର୍ଯ୍ୟ ଭଟ୍ଟାରିକାଙ୍କ ପୂଜା ସେବା ପ୍ରତ୍ୟହ ସକାଳ ୯ ଟାରୁ ୧୧ ଟା ସନ୍ଧ୍ୟା ୫ ଟାରୁ ୬ ଟା ପର୍ଯ୍ୟନ୍ତ କରାଯାଇଥାଏ । ପ୍ରତ୍ୟେକ ମଙ୍ଗଳବାର ଦେବୀଙ୍କ ସୁନାବେଶ ଅନୁଷ୍ଠିତ ହୁଏ । ପ୍ରତ୍ୟେକ ଚୈତ୍ର ପୂର୍ଣ୍ଣମୀ ତିଥିରେ ଚଣ୍ଡୀପାଠ ପୂଜାର ଆୟୋଜନ କରାଯାଇଥାଏ । ପ୍ରତିବର୍ଷ ଚୈତ୍ର ମାସରେ ଅନୁଷ୍ଠିତ ହେଉଥିବା ଚୈତ୍ର ମେଳାରେ ଆଖପାଖ ଅଞ୍ଚଳରୁ ଅନେକ ଶ୍ରଦ୍ଧାଳୁ ଆସି ଯୋଗଦାନ କରିଥାନ୍ତି । ମାଁଙ୍କ ପୀଠରେ କୌଣସି ପ୍ରକାର ବଳି ଦିଆଯାଏ ନାହିଁ । ମନ୍ଦିରର ପରିଚାଳନା ପାଇଁ କିଛି ଜମିବାଡ଼ିର ବ୍ୟବସ୍ଥା ମଧ କରାଯାଇଛି । ମାଁ ସୂର୍ଯ୍ୟ ଭଟ୍ଟାରିକା ହେଉଛନ୍ତି ଦୟାଳୁ ଓ ଅସୀମ ଶକ୍ତିର ଅଧିକାରିଣୀ । ସେ ଭକ୍ତଗଣଙ୍କ ମନସ୍କାମନା ପୂର୍ଣ୍ଣ କରିବା ସହିତ ସେମାନଙ୍କ ଦୁଃଖ ଦୁର୍ଦ୍ଦଶା ମଧ ଦୂର କରିଥାନ୍ତି । ସେ ପଦ୍ମଫୁଲରେ ଆସୀନ ଅଟନ୍ତି । ମନ୍ଦିରରେ ବ୍ରାହ୍ମଣ ସମ୍ପ୍ରଦାୟର ପିଲାଙ୍କ ବ୍ରତ କରାଯିବାର ମଧ ବ୍ୟବସ୍ଥା ରହିଛି । ଗମନାଗମନ ସୁବିଧା କୁମ୍ଭାରବନ୍ଧ ଗ୍ରାମ ଝାରସୁଗୁଡ଼ା ସହରରୁ ପ୍ରାୟ ଚାଳିଶ କିଲୋମିଟର ଦୂର ହେବ । ପ୍ରତ୍ୟହ ଝାରସୁଗୁଡ଼ାରୁ କୁମ୍ଭାର ବନ୍ଧକୁ ବସ ଚଳାଚଳ କରିଥାଏ । ଝାରସୁଗୁଡ଼ାରୁ ବ୍ୟକ୍ତିଗତ କିମ୍ବା ଭଡ଼ା ଗାଡିରେ ମଧ ଯାଇହେବ । ସମ୍ବଲପୁରରୁ ମଧ ରମ୍ପେଲା ବ୍ରିଜ ଦେଇ କୁମ୍ଭାର ବନ୍ଧକୁ ଭଲ ରାସ୍ତା ରହିଛି ଏବଂ ଦୂରତା ପ୍ରାୟ ନବେ କିଲୋମିଟର ହେବ । ଯଦିଓ ଅକ୍ଟୋବରରୁ ମାର୍ଚ୍ଚ ମାଁଙ୍କ ଦର୍ଶନ ପାଇଁ ଉପଯୁକ୍ତ ସମୟ ଦଶହରା ଓ ଚୈତ୍ର ବ୍ୟତୀତ ଅନ୍ୟାନ୍ୟ ସମୟରେ ମଧ ମାଁଙ୍କ ଦର୍ଶନ କରାଯାଇ ପାରେ ।

ମାଁ ସୂର୍ଯ୍ୟ ଭଟ୍ଟାରିକାଙ୍କ ପୀଠ ଓ କୁମ୍ଭାରବନ୍ଧ ଗ୍ରାମ ଭଳି ଆମ ଦେଶରେ ରାଜ୍ୟରେ ତଥା ଅଞ୍ଚଳରେ ଅନେକ ଦର୍ଶନୀୟ ସ୍ଥାନ ରହିଛି ଯାହାକି ଲୋକଲୋଚନକୁ ଆସିବା ଉଚିତ । ଯେହେତୁ ଏମାନଙ୍କ ମଧରୁ ଅନେକେ ଶାନ୍ତ ଓ ସୁଶୀଳ ପରିବେଶରେ ଅବସ୍ଥିତ ତଥା କମନୀୟ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିବେଷ୍ଟିତ ସରକାର ଏମାନଙ୍କ ଚିହ୍ନଟ ପୂର୍ବକ ପର୍ଯ୍ୟଟନର ବିକାଶ ପାଇଁ ଉଚିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ଅଧିକରୁ ଅଧିକ ଲୋକ ସେମାନଙ୍କ ପରିବାର ବର୍ଗଙ୍କ ସହ ମାଁ ସୂର୍ଯ୍ୟ ଭଟ୍ଟାରିକାଙ୍କ ଦର୍ଶନ ପୂର୍ବକ ତାଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇ ପାରିବେ ।

**ଅବସରପ୍ରାପ୍ତ ସହାୟକ ନିର୍ଦ୍ଦେଶକ**
**ଆକାଶବାଣୀ, ଧନୁପାଲି, ସମ୍ବଲପୁର**

## ଟିକିଏ ହସନ୍ତୁ

ରାଜୁ କାର୍ ଧୋଉଥିବାର ଦେଖି ଜଣେ ଆଣ୍ଟି କହିଲେ– ଆରେ କ’ଣ କାର୍ ଧୋଉଛୁ ?

**ରାଜୁ :** ନାଇଁମ ଆଣ୍ଟି, କାର୍ ଧୋଉନି, କାର୍‌ରେ ପାଣି ଦେଉଥିଲି କାଳେ ବଡ଼ ହୋଇ ବସ୍ ହୋଇଯିବ ।

× × × ×

ହିନ୍ଦୀ କ୍ଲାସ ଚାଲିଥିବା ସମୟରେ ଶିକ୍ଷକ କହିଲେ, ପିଲାମାନେ ଏମିତି ଗୋଟିଏ ସ୍ତ୍ରୀ ଲୋକର ନାମ କୁହ ଯିଏ କେବେ ହସିନି ( ଏକ ଔରତ କା ନାମ ବତାଓ ଯୋ କଭି ନା ହସି ହୋ) । ଛାତ୍ର ମଧରୁ ରାମୁ କହିଲା – ସାର୍ ମୁଁ କହିବି ।



ଶିକ୍ଷକ-କୁହ ?
ଛାତ୍ର-ହସିନା ।

× × × ×

ଶିକ୍ଷକ କ୍ଲାସରେ ପଢ଼ାଉଥିବା ସମୟରେ ରାହୁଲକୁ ପଚାରିଲେ – ଆକବର କେବେ ପର୍ଯ୍ୟନ୍ତ ଶାସନ କରିଥିଲେ ?
**ରାହୁଲ ;** ସାର୍ ଆକବର ପେଜ୍ ନଂ. ୧୪ରୁ ଶାସନ ଆରମ୍ଭ କରି ପେଜ୍ ନଂ. ୨୨ ପର୍ଯ୍ୟନ୍ତ କରିଥିଲେ ।

× × × ×

ସୋନୁ ଗୋଟେ ଗଧକୁ ନେଇ ଟ୍ୟୁଶନ୍‌କୁ ଯାଇଥାଏ ।
**ଟ୍ୟୁଶନ୍ ସାର :** ଆରେ ତୁ ଏ ଗଧକୁ କାହିଁକି ନେଇକି ଆସିଛୁ ?
**ସୋନୁ :** ସାର୍, ଆପଣ ପରା କୁହନ୍ତି, ‘ମୁଁ ବଡ଼ ବଡ଼ ଗଧକୁ ମଣିଷ କରିଛି’ । ସେଥିପାଇଁ ଭାବିଲି ଏ ଗଧକୁ ବି ଆପଣ ମଣିଷ କରିଦେବେ ।

× × × ×

ପ୍ରଥମ ପାଗଳ ନିଜ ହାତରେ ଜଳନ୍ତା ସିଗାରେଟ୍‌କୁ ଲୁଚାଇ ଦ୍ୱିତୀୟ **ପାଗଳକୁ ପଚାରିଲା :** କହିଲୁ ଦେଖି ମୋ ହାତରେ କ’ଣ ଅଛି ?
**ଦ୍ୱିତୀୟ ପାଗଳ :** ଟ୍ରେନ୍... ଓ ପ୍ରଥମ ପାଗଳ : ତୁ କେମିତି ଜାଣିଲୁ ?
**ଦ୍ୱିତୀୟ ପାଗଳ :** ମୁଁ ପରା ତୋ ପାପୁଲି ଭିତରୁ ଧୂଆଁ ବାହାରୁଥିବା ଦେଖି ଦେଇଥିଲି ।

× × × ×

ମା’ ରାଗିକି ହାତରେ ଚପଲ ଉଠେଇ ପୁଅକୁ : ସୋଫା ବସିବା ପାଇଁ ହେଇଛି । ଶୋଇବା ପାଇଁ ନୁହଁ ।
**ପୁଅ :** ଚପଲ ବି ପାଦରେ ପିନ୍ଧିବା ପାଇଁ ହେଇଛି, ମାରିବା ପାଇଁ ନୁହଁ ।

× × × ×

**ମୋହନ ଡାକ୍ତରଙ୍କୁ :** ଆପଣ ତ କହିଥିଲେ ଖେଳିଲେ ଓଜନ କମିବ । ହେଲେ ମୋ କ୍ଷେତ୍ରରେ କମିବ କ’ଣ ଅଧିକ ବଢ଼ିଗଲା ।
ଡାକ୍ତର : କୋଉ ଖେଳ ଖେଳୁଥିଲେ କି ?
**ମୋହନ :** ତାସ ।

## ପାଇନ ନଟ୍‌ର ଉପକାରିତା

କିସମିସ୍, ବାଦାମ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଫଳପ୍ରଦ । ସେହିପରି ପାଇନ୍ ନଟ୍ ମଧ ଉପକାରୀ । ମୋନୋ ଅନସାଚୁରେଟେଡ ଫ୍ୟାଟ୍ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ପାଇନ ନଟରେ ବହୁ ପୋଷକ ତତ୍ତ୍ୱ ରହିଛି ।

ପୋଷକ ତତ୍ତ୍ୱରେ ଭରପୂର: ଏହା ପ୍ରୋଟିନ୍‌ର ସ୍ରୋତ । ଏଥିରେ କାର୍ବୋହାଇଡ୍ରେଟ ମାତ୍ରା ବହୁ କମ୍ ଓ ଫ୍ୟାଟ୍ ଉଚ୍ଚ ମାତ୍ରାରେ ରହିଛି । ଏହା ବ୍ୟତୀତ ଭିଟାମିନ୍ ବି-୧, ବି-୨, ଭିଟାମିନ୍-ସି, ପୋଟାସିୟମ, ମ୍ୟାଗ୍ନେସିୟମ, ଆଇରନ, ଜିଙ୍କ୍, କ୍ୟାଲସିୟମ, ମ୍ୟାଙ୍ଗାନିଜ, କପର ଆଦି ରହିଥାଏ ।

**ପ୍ରତିଦିନ ୫ ଟି ପାଇନ୍ ନଟ୍:** ଏଥିରେ ସମସ୍ତ ପ୍ରକାର ପୋଷକ ତତ୍ତ୍ୱ ରହିଛି । କିଛିଦିନ ଲଗାତର ଭାବେ ୫ଟି ପାଇନ ନଟ୍ ଖାଇଲେ ରକ୍ତହୀନତା ଦୂର



ହୋଇଯାଏ । ମସ୍ତିଷ୍କ ସକ୍ରିୟ ରହେ । ସ୍କିନ ପାଇଁ ବି ଲାଭଦାୟକ । ଛୋଟ ପିଲା ପ୍ରତିଦିନ ୨ ଟି ପାଇନ୍ ନଟ ଖାଇବା ଫଳରେ ସ୍ମୃତି ଶକ୍ତି ବୃଦ୍ଧି ଘଟିଥାଏ । ଅଧିକ ଖାଇଲେ କ୍ଷତିକାରକ ।

ଉପକାର: ଏଥିରେ ୯୦ ପ୍ରତିଶତ ଅସଂତୃପ୍ତ ଚର୍ବି ରହିଥାଏ, ଯାହାକି ଉଚ୍ଚ କୋଲେଷ୍ଟେରଲ ସ୍ତରକୁ କଣ୍ଟ୍ରୋଲ କରି ହାର୍ଟକୁ ରକ୍ଷା କରିଥାଏ । ଏହାଦ୍ୱାରା ହୃଦରୋଗ ଆଶଙ୍କା ସାମାନ୍ୟ କମ୍ ହୋଇଯାଏ ।

**ଗର୍ଭବତୀ:** ପାଇନ ନଟ ରକ୍ତହୀନତା ଦୂର କରିବାରେ ସହାୟକ ହୋଇଥାଏ । ସେଥିପାଇଁ ଗର୍ଭବତୀ ମହିଳାଙ୍କ ପାଇଁ ଏହା ଖୁବ୍ ଆବଶ୍ୟକ । ଏହାକୁ ଖାଇବା ଫଳରେ ହିମୋଗ୍ଲୋବିନ୍ ସ୍ତର ବୃଦ୍ଧିରେ ସହାୟକ ହୋଇଥାଏ । କିନ୍ତୁ ଗର୍ଭାବସ୍ଥାରେ ୩-୪ ଟି ନଟରୁ ଅଧିକ ଖାଆନ୍ତୁ ନାହିଁ ।

ଡାଇବେଟିସ୍ ଲାଗି ବେଷ୍ଟ: ପାଇନ ନଟରେ ରହିଥିବା ଅସଂତୃପ୍ତ ଚର୍ବି ମଧୁମେହ ରୋଗୀଙ୍କ ଲାଗି ହିତକର । ଏହାକୁ ଖାଇବା ଫଳରେ ମଧୁମେହ ନିୟନ୍ତ୍ରଣରେ ରହିଥାଏ ।

**ପ୍ରୋଟିନ୍ ମିଳେ:** ଭେଜିଟେରିଆନଙ୍କ ପ୍ରୋଟିନ ଅଭାବ ହେଉଥିଲେ ତାହାକୁ ପୂରଣ କରିବା ଲାଗି ପାଇନ ନଟ ଉପଯୋଗୀ ସ୍ରୋତ । ଏଥିରେ ଲାଇସିନ୍ ଓ ଏମିନୋ ଏସିଡ୍ ଅଧିକ ମାତ୍ରାରେ ରହିଥାଏ । ଯେଉଁ ଲୋକଙ୍କ ପ୍ରୋଟିନ୍ କମ ରହିଛି ଏମାନେ ପାଇନ ନଟ ଖାଇ ପାରିବେ ।

ଓଜନ କମ୍ କରେ: ଯେଉଁମାନେ ଓଜନ କମ୍ କରିବା ପାଇଁ ଚାହୁଁଥାନ୍ତି ସେମାନେ ପାଇନ ନଟ ଖାଇବା ଉଚିତ । ଏହା ଭୋକ ନିୟନ୍ତ୍ରଣ କରେ । ଅତିରିକ୍ତ କ୍ୟାଲୋରୀରୁ ରକ୍ଷା ମିଳିଥାଏ, ଯାହା ଫଳରେ ଶରୀରରେ ଅଧିକ ଚର୍ବି ଜମା ହୋଇ ରହି ନ ଥାଏ ।

## ଗୁଆଁରର ଔଷଧୀୟ ଲାଭ

ଗୁଆଁର ଏକ ଶୀତଦିନିଆ ପରିବା, ଯାହାକି ବିନ୍ ପ୍ରଜାତିର । ଗାଁ ଗହଳିରେ ଗୁଆଁର ଅଧିକ ଦେଖିବାକୁ ମିଳୁଥିଲେ ବି ଏହାକୁ ଖାଇବାକୁ କେହି ବେଶୀ ପସନ୍ଦ କରି ନ ଥାନ୍ତି । ଗୁଆଁରରେ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ରହିଛି । ଯାହାକି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ ।

ରକ୍ତହୀନତା ଦୂର: ଗୁଆଁରରେ ପ୍ରଚୁର ପରିମାଣର ଆଇରନ ରହିଥିବା ହେତୁ ଏହାକୁ ନିୟମିତ ଖାଇବା ଫଳରେ ଆନେମିଆ ରୋଗୀଙ୍କ ରକ୍ତହୀନତା ଦୂର ହୋଇଥାଏ । ଏଥିରେ ଥିବା ହିମୋଗ୍ଲୋବିନ୍ ରକ୍ତ ସଞ୍ଚାରଣ କରିବାରେ ତଥା ଲାଲ ରକ୍ତ ତିଆରି କରିବାରେ ସହାୟକ ହୋଇଥାଏ ।

**ମଧୁମେହ ନିୟନ୍ତ୍ରଣ:** ଗୁଆଁରରେ ଥିବା ପିତା ଅଂଶ ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରିତ କରିବାରେ ସହାୟତା କରିଥାଏ । ସୁଗାର ରୋଗୀ ଗୁଆଁରକୁ ନିଶ୍ଚୟ ଖାଦ୍ୟରେ ସାମିଲ କରନ୍ତୁ ।

**ହୃଦ୍ ରୋଗୀଙ୍କ ପାଇଁ ଫଳପ୍ରଦ:** ହୃଦ ରୋଗୀଙ୍କ ପାଇଁ ଗୁଆଁର ରାମବାଣ ପରି କାମ କରିଥାଏ । ଏଥିରେଥିବା ପୋଟାସିୟମ୍ ଫାଇବର ହୃଦୟକୁ ସୁସ୍ଥ ରଖିଥାଏ ।

**ଅସ୍ଥି ମଜଭୁତ:** ଏଥିରେ ଥିବା ଫସଫରସ୍ ଓ କ୍ୟାଲସିୟମ ଅସ୍ଥି ପାଇଁ ଲାଭପ୍ରଦ, ଅସ୍ଥିକୁ ମଜଭୁତ କରିବା ସହିତ ସୁସ୍ଥ ରଖିଥାଏ ।

**ଗର୍ଭବତୀଙ୍କ ପାଇଁ ହିତକର:** ଏଥିରେ ଫୋଲିକ୍ ଏସିଡ୍ ପ୍ରଚୁର ମାତ୍ରାରେ ରହିଥାଏ । ଏହା ଗର୍ଭାବସ୍ଥା ସମସ୍ୟାକୁ ଦୂର କରିଥାଏ । ଗୁଆଁରରେ ଥିବା ଲୌହ ଓ କ୍ୟାଲସିୟମ ଗର୍ଭସ୍ଥ ସନ୍ତାନର ଅସ୍ଥିକୁ ମଜଭୁତ କରିବାରେ ସହାୟକ ହୋଇଥାଏ ।

**ଅବସାଦ ଦୂର କରେ:** ଗୁଆଁରରେ ଥିବା ହାଇପୋଗ୍ଲାଇସେମିକ୍ ଗୁଣ ମସ୍ତିଷ୍କ କୋଷିକାକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ଏହି ବିଶେଷ କାରଣରୁ ଅବସାଦ ଓ ଚିନ୍ତା ମଧ ଲୋକଙ୍କର ଦୂର ହୋଇଥାଏ ।




## ଆପଣ ଜାଣନ୍ତି କି ?

- ଇଜିପ୍ଟରେ କେତେଜଣ ବଇଦ ରୋଗୀର ଦାନ୍ତ ବିନ୍ଧାରେ ମୃତ ମୂଷାଙ୍କ ପେଷ୍ଟ ଲଗାଉଥାନ୍ତି । ସେଠାରେ ବୟସ୍କ ଲୋକଙ୍କ ସହ ଯୁବପିଢ଼ୀ ମଧ ଏଭଳି ଚିକିତ୍ସା କରାଇବାରେ ଆଦୌ ଦ୍ୱିଧା ପ୍ରକାଶ କରୁ ନଥିବାର ଜଣାପଡିଛି । ଏପରି ପ୍ରକ୍ରିୟାର ଚିକିତ୍ସା ଇଂଲଣ୍ଡର କେତୋଟି ଗ୍ରାମର ହୋଇଥାଏ ।
- ଚୀନରେ ପାଣିରେ ରହୁଥିବା ସାପକୁ ଧରି ଆଣ୍ଠୁଗଣ୍ଠି ଚିକିତ୍ସା ପାଇଁ ବ୍ୟବହୃତ କରାଯାଏ । ୧୯୦୦ ବେଳକୁ ସେଠାରେ ଆରମ୍ଭ ହୋଇଥିବା ଏହି ଚିକିତ୍ସା ପଦ୍ଧତି ଆଜି ମଧ ଚାଲୁଛି । ସାପଗୁଡିକୁ ବ୍ୟବହୃତ କରି ଏକ ପ୍ରକାର ତେଲ ପ୍ରସ୍ତୁତ କରାଯାଏ । ଏହି ତେଲ ମାଲିସରେ ଜଣେ ବ୍ୟକ୍ତି ଗଣ୍ଠି ବ୍ୟଥାରୁ ମୁକ୍ତି ପାଏ ।
- ଅଷ୍ଟ୍ରେଲୀୟ ଚିକିତ୍ସକମାନେ କୁମ୍ଭୀର ମଳରୁ ଅନେକ ପ୍ରକାରର ଚିକିତ୍ସା କରିଥାନ୍ତି ।
- ଇଉରୋପର କେତୋଟି ପ୍ରାନ୍ତରେ ୧୭୦୦ ଶତାବ୍ଦୀରୁ ଏକ ଚିକିତ୍ସା ହୋଇ ଆସୁଛି । ମୃତ ବ୍ୟକ୍ତିର ଶବର ହାଡ଼କୁ ଗୁଣ୍ଡ କରି ଏକ ପାଉଡ଼ର ପ୍ରସ୍ତୁତ କରାଯାଏ । ଖଣ୍ଡିଆଖାବରା ସ୍ଥାନରେ ଏହାକୁ ଲଗାଇଲେ ଉପକାର ମିଳେ ବୋଲି ପ୍ରକାଶ । ଆଜି ମଧ ସେଠାରେ ଅଧିକାଂଶ ସ୍ଥାନରେ ଥିବା ଔଷଧ ଦୋକାନରେ ଏହି ପାଉଡ଼ର ଉପଲବ୍ଧ ।
- ସେକ୍ସପିଅରଙ୍କ କନ୍ୟା ସଂପୂର୍ଣ୍ଣ ଅଶିକ୍ଷିତ ଥିଲେ ।
- ସେକ୍ସପିଅର୍ ଗଞ୍ଜେଇ ସେବନ କରୁଥିଲେ ।
- ତାଙ୍କର ଜନ୍ମ ଓ ମୃତ୍ୟୁ ଗୋଟିଏ ତାରିଖରେ ହୋଇଥିଲା । ଇଂରେଜୀ ଶବ୍ଦ You ର ସଂକ୍ଷିପ୍ତ ରୂପ 'u' ପ୍ରଥମେ ସେ ବ୍ୟବହାର କରିଥିଲେ ।

## କିଡ଼ନୀ ଷ୍ଟୋନକୁ ଦୂର କରେ କମଳା

କମଳା ଖାଇବାକୁ କିଏ ବା ଭଲ ନ ପାଏ । କମଳା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ଏ, ବି ଓ ସି କ୍ୟାଲସିୟମ, ମ୍ୟାଗ୍ନେସିୟମ, ପୋଟାସିୟମ, ଫସଫରସ ଆଦି ପୋଷକ ତତ୍ତ୍ୱ ରହିଛି ।

ତ୍ୱଚାକୁ ସୁନ୍ଦର କରେ: କମଳାରେ ଗଚ୍ଛିତ ଥିବା ଆଣ୍ଟି ଅକ୍ସିଡାଣ୍ଟ ତ୍ୱଚାକୁ ସୁନ୍ଦର କରିଥାଏ । ଏଥିରେ ଥିବା ଭିଟା କ୍ୟାରୋଟିନ୍ ଗୁଣ ତ୍ୱଚା ଶୁଷ୍କତାକୁ ଦୂର କରିବା ସହିତ ତ୍ୱଚାକୁ କୋମଳ କରିଥାଏ ।



କୋଲେଷ୍ଟ୍ରଲ କମ୍: କମଳାରେ ଥିବା ଫାଇବର ଶରୀରରେ କୋଲେଷ୍ଟ୍ରଲ ଦୂର କରିବାରେ ସହାୟକ ହୋଇଥାଏ । କୋଲେଷ୍ଟ୍ରଲ କମ କରିବା ସହିତ ରକ୍ତଚାପ ଆଶଙ୍କା ଦୂର କରିଥାଏ ।

ଅର୍ଥ୍ରାଇଟିସ୍ ଦୂରକରେ: ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତଥା ଭିଟାମିନ୍-ସି'ର ଏକ ଉତ୍ତମ ସ୍ରୋତ ରହିଥିବା କାରଣରୁ ରୁମଟାଇଡ ଓ ଆର୍ଥ୍ରାଇଟିସ୍ ତଥା ଆଣ୍ଠୁ ଗଣ୍ଠି ଯନ୍ତ୍ରଣାକୁ ଦୂର କରିଥାଏ ।

କିଡନୀ ଷ୍ଟୋନ ଦୂର: କମଳାରେ ଥିବା ଭିଟାମିନ୍ ସି' କିଡନୀକୁ ସୁସ୍ଥ ରଖିଥାଏ । ଏହା ମୂତ୍ରରେ ସାଇଟ୍ରେଟ୍ ସ୍ତର ବଢ଼ାଇବା ସହିତ କିଡନୀରେ ପଥୁରୀ ହେବାକୁ ଦିଏ ନାହିଁ ।

କ୍ୟାନସର ଦୂର କରେ: ଏଥିରେ ଥିବା ଜେକ୍ସାଥିନ ଓ କ୍ୟାରୋଟିନୋଇଡ୍ ଶରୀରରେ ବିଭିନ୍ନ ପ୍ରକାର କ୍ୟାନସର କୋଷିକାକୁ ବଢ଼ିବାକୁ ଦିଏ ନାହିଁ । କମଳାରେ ଥିବା ଯୌଗିକ ଲିମୋନୋଇଡସ ଯାହାକି ମୁଖ କର୍କଟ, ସ୍ତନ କର୍କଟ, ଫୁସଫୁସ୍ କର୍କଟ, ତ୍ୱଚା କର୍କଟ, ପେଟ ତଥା ବୃହଦାନ୍ତ କ୍ୟାନସରକୁ ରୋକିବାରେ ସହାୟକ ହୋଇଥାଏ ।

## ଶରୀର ପାଇଁ ହିତକର ପୋଇ

ପୋଇ ଶୀତଳ, ରୁଚିକର । ତରଳ ଝାଡା, ରକ୍ତହୀନତା ତଥା ରକ୍ତ କର୍କଟ ରୋଗରେ ଲଟା ପୋଇ ବିଶେଷ କାମରେ ଆସିଥାଏ ।

ରକ୍ତ ହୀନତା ଦୂର କରେ: ପୋଇରେ ପ୍ରଚୁର ଆଇରନ ରହିଛି, ଯାହାକି ରକ୍ତ ତିଆରି କରିବାର କ୍ଷମତା ରଖିଛି । ଏକ ଅଧ୍ୟୟନ ଅନୁସାରେ ଜଣାପଡିଛି ଆନେମିଆ ରୋଗୀ ପୋଇ ପତ୍ରକୁ ଖାଇବା ଫଳରେ ଖୁବ୍ କମ ଦିନରେ ସେମାନଙ୍କର ରକ୍ତର ଅଭାବ ପୂରଣ ହୋଇଥାଏ ।



**ବୃଦ୍ଧା ହେବାକୁ ଦିଏନି:** ପୋଇରେ ରହିଥିବା ବିଟା କାରୋଟିନ୍, ଲ୍ୟୁଟିନ୍, ଜେକ୍ସାଥିନ ନାମକ ରାସାୟନିକ ତତ୍ତ୍ୱ ବୃଦ୍ଧ ଅବସ୍ଥାରେ ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରିଥାଏ । ଏଥିପାଇଁ ବୃଦ୍ଧ ଅବସ୍ଥାରେ ପୋଇ ଖାଇବା ଉଚିତ ।

**ତ୍ୱଚାରେ ଚମକ:** ଶୀତଦିନିଆ ଲଟା ପୋଇରେ ରହିଥିବା ଭିଟାମିନ୍ ଏ' ଶରୀରରେ ଥିବା ଶ୍ଳେଷ୍ମା ଝିଲିକୁ ସୁସ୍ଥ ରଖିବା ସହିତ ତ୍ୱଚାରେ ଚମକ ଆଣିବାରେ ସହାୟକ ହୋଇଥାଏ ।

**ଅନ୍ୟ ଉପଚାର:** ପୋଇରେ ଥିବା ଶୀତଳ ଗୁଣ ଯୋଗୁଁ ପୋଡ଼ା ଘା'ରେ ପୋଇ ପତ୍ର ରସ ଏବଂ ଘିଅ ମିଶାଇ ପ୍ରୟୋଗ କରାଯାଏ ।

ଗର୍ଭବତୀ ମହିଳାଙ୍କ କୋଷ୍ଠକାଠିନ୍ୟ ସମସ୍ୟା ଦୂର କରିବା ପାଇଁ ନିୟମିତ ସେମାନଙ୍କୁ ପୋଇ ରାଇ ଓ ସନ୍ତୁଳା ଖାଇବାକୁ ଦିଆଯାଏ ।

ପୋଇ ମୂଳର ରସ ଖାଇବା ଫଳରେ ଆମାଶୟ ରୋଗ ଦୂର କରିବା ଲାଗିଥାଏ ।

## କହିପାରିବେ କି ?

(୧) ଆର୍ଯ୍ୟ ସମାଜର ସ୍ଥାପନା କିଏ କରିଥିଲେ ?
(୨) ବୁଲନ୍ଦ ଦରୱାଜା ଭାରତର କେଉଁ ରାଜ୍ୟରେ ଅଛି ?
(୩) କେଉଁ ଦୁଇଟି ଧାତୁର ମିଶ୍ରଣରେ ଚୁମ୍ବକ ପ୍ରସ୍ତୁତ ହୋଇଥାଏ ?
(୪) ଫଲ୍ଲୁ ପୋଲିଓ ଦିବସ କେବେ ପାଳନ କରାଯାଏ ?
(୫) 'ଡିଭାଇନ୍ ଲାଇଫ୍'ର ଲେଖକ କିଏ ?
(୬) କେଉଁ ଦୁଇଟି ଗ୍ରହର ଉପଗ୍ରହ ନାହିଁ ?
(୭) ଭାରତରେ ଲୋକ ଅଦାଲତ ସ୍ଥାପନ କରିଥିବା ପ୍ରଥମ ରାଜ୍ୟ କିଏ ?
(୮) ସର୍ବାଧିକ ସକ୍ରିୟ ଜ୍ୱାଳାମୁଖୀ କେଉଁ ମହାସାଗରରେ ଅଛି ?
(୯) ନାଟୋର ସ୍ଥାପନା କେବେ ହୋଇଥିଲା ?
(୧୦) ମହାଭାରତ ଯୁଗରେ ପାଣ୍ଡବମାନଙ୍କର ରାଜଧାନୀର ନାମ କ'ଣ ଥିଲା ?

### JUMBLE WORDS

| | | | |
|---|---|---|---|
| 1) WORFN | = | 6) CNAPUK | = |
| 2) TOMONI | = | 7) LVTEEV | = |
| 3) CILATI | = | 8) LIVAL | = |
| 4) SAYET | = | 9) GLTIH | = |
| 5) RIFTL | = | 10) GENUHO | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ନାଇକ୍ରୋମ୍, ୨. ବେଙ୍ଗାଲୁରୁ, ୩. ଧନନନ୍ଦ, ୪. ସୁନୀତା ଶର୍ମା, ୫. ସୁବର୍ଣ୍ଣପୁର, ୬.ଦକ୍ଷିଣ ସୁଦାନ, ୭.ଆଗ୍ରା, ୮.ଗୁଲବଦନ ବେଗମ୍, ୯.ଅଶୋକ ବାଟିକା, ୧୦.କୃଷି ଦର୍ଶନ ।

***Jumble Words* ର ଉତ୍ତର :-**

(1) IDIOCY (2) CLUNG (3) HOARD (4) SPLICE (5) SKIING
(6) HOTLY (7) TAKEN (8) ROTATE (9) INWARD (10) FLUSH

## ଶାଢ଼ୀରେ ଲେଖିଲେ ଶ୍ରୀମଦ୍ ଭଗବତ ଗୀତା

ବୀରମହାରାଜପୁର : ସୁବର୍ଣ୍ଣପୁର ଜିଲ୍ଲା ମେହେର (ଭୁଲିଆ) ବୁଣାକାରଙ୍କ ସୂକ୍ଷ୍ମ କାରିଗରୀ ହସ୍ତଶିଳ୍ପ ପାଟ ଓ ବାମକାଇ ଶାଢ଼ୀ ଦେଶ ବିଦେଶରେ ବେଶ୍ ସୁନାମ ରହିଛି । ସେହିପରି ଜଣେ ଦକ୍ଷ ଜାତୀୟସ୍ତରର ବସ୍ତ୍ରଶିଳ୍ପୀ ହେଲେ ବୀରମହାରାଜପୁର ର ପ୍ରଫୁଲ୍ଲ ମେହେର (୬୩) । ସେ ବାନ୍ଧକଳାରେ ଶ୍ରୀମଦ୍ ଭଗବତ ଗୀତା ଶାଢ଼ୀ ପ୍ରସ୍ତୁତ କରିଛନ୍ତି । ଗୀତା ଜୟନ୍ତୀରେ ଏହା ଲୋକାର୍ପିତ ହେଇଛି । ସଂସ୍କୃତ ଭାଷାରେ ଭଗବତ ଗୀତାର ୧୮ ଅଧ୍ୟାୟକୁ ନେଇ ପାଟ ଓ ସୂତାରେ ଶାଢ଼ୀ ପ୍ରସ୍ତୁତ କରିଛନ୍ତି । ଯେଉଁଥିରେ ଛୋଟ ଅକ୍ଷରରେ ୭୦୦ ଶ୍ଳୋକ ରହିଛି । ଏହି ଶାଢ଼ୀର ଲମ୍ବ ସାଢ଼େ ଚଉଦ ମିଟର ଏବଂ ୩୦ ଇଞ୍ଚ୍ ଅଟେ । ମୋଟ ୨୭ଜଣ ସହଯୋଗୀଙ୍କ ସହାୟତାରେ ବାନ୍ଧ ଶିଳ୍ପୀ ପ୍ରଫୁଲ୍ଲ ମେହେର ଓ ଧର୍ମପତ୍ନୀଙ୍କ ସହଯୋଗରେ ସେ ଏହି କାମ ସମ୍ପୂର୍ଣ୍ଣ କରିଛନ୍ତି । ପ୍ରଫୁଲ୍ଲ କୁହନ୍ତି ତାଙ୍କ ବାପା ଜଣେ ଭଗବତ ପ୍ରେମୀ, ତାଙ୍କ ପ୍ରେରଣା ଓ ଆଶୀର୍ବାଦରୁ ସେ ଏହି କାମ କରିବାରେ ସକ୍ଷମ ହୋଇଛନ୍ତି । ଏହିକାମ ପାଇଁ ତାଙ୍କୁ ତାଙ୍କୁ ସାଢେ ତିନିବର୍ଷ ସମୟ ଲାଗିଥିଲା । ବାନ୍ଧ ବାନ୍ଧିବା ପାଇଁ ପ୍ରଥମେ ୮ ଜଣ ଓ ପରେ ୧୨ଜଣ କୁଶଳୀ ବୁଣାକାରଙ୍କୁ ନିୟୋଜନ କରାଇଥିଲେ । ସୂତାରଙ୍ଗ କରାଇବାକୁ ୨ଜଣ ବୁଣାକାରଙ୍କୁ ୪ମାସ ସମୟ ଲାଗିଥିଲା । ସେହିପରି ବାନ୍ଧ ସୂତା ଖୋଲିବାକୁ ୨ଜଣଙ୍କୁ ୨ମାସ ଲାଗିଥିଲା । ୨ଟି ତନ୍ତରେ ଲୁଗା ବୁଣିବା ପାଇଁ ୩ଜଣ ବୁଣାକାର ନିୟୋଜିତ ହୋଇଥିଲେ । ଲୁଗାବୁଣା ସମ୍ପୂର୍ଣ୍ଣ ପାଇଁ ତାଙ୍କୁ ୩ ମାସ ସମୟ ଲାଗିଥିଲା । ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳର ମେହେର (ଭୁଲିଆ) ବୁଣାକାର ପରିବାରରେ ଜନ୍ମଗ୍ରହଣ କରିଥିଲେ ପ୍ରଫୁଲ୍ଲ । ପାଠ ପଢ଼ା ସରିବାପରେ ସେ ରାଜ୍ୟ ବୟନ ଓ ହସ୍ତତନ୍ତ ବିଭାଗରେ ଚାକିରି କରିଥିଲେ । ଚାକିରି ସମୟରେ ନିଜର ପ୍ରତିଭା ପ୍ରଦର୍ଶନ କରି ୧୯୯୨ମସିହାରେ ନ୍ୟାସେନାଲ ମେରିଟ ପୁରସ୍କାର ପାଇଥିଲେ । ଅବସରପରେ ପ୍ରାକୃତିକ ରଙ୍ଗ ସୂତାରେ ଶାଢ଼ୀବୁଣା ଉପରେ ସେ ବିଶେଷ ଗୁରୁତ୍ୱ ଦେଇ ଆସୁଛନ୍ତି । ଜଣେ ବାନ୍ଧ ଶିଳ୍ପୀ ଓ ପାଟ ଶାଢ଼ୀ, ଓ୍ୱାଲ ହ୍ୟାଙ୍ଗି ଡିଜାଇନ୍ ପରାମର୍ଶଦାତା ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ତାଙ୍କ ଡିଜାଇନର ମା, ଆମର ମଙ୍ଗାଶାଳ ଓ ଗଞ୍ଜପା ଶାଢ଼ୀ ଆଦି ବୁଣି ଆଗରୁ ଜାତୀୟ ପୁରସ୍କାର ପାଇଥିଲେ । ତାଙ୍କ ଡିଜାଇନ୍ ପରିକଳ୍ପନା ଓ ତତ୍ତ୍ୱାବଧାନରେ ବାନ୍ଧ, ରଙ୍ଗ ଓ ବୁଣା କାମକରି ସୁବର୍ଣ୍ଣପୁର ଜିଲ୍ଲାର ୨୫ ଜଣ ବୁଣାକାର ଜାତୀୟ ଓ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି ।

## ଭିଜିଲାନ୍ସ ଜାଲରେ ଫରେଷ୍ଟର

ଝାରସୁଗୁଡା : ବ୍ରଜରାଜନଗର ରେଞ୍ଜ ଅନ୍ତର୍ଗତ ବନ୍ଧବାହାଲ ସେକ୍ସନର ଫରେଷ୍ଟର ଗୌରାଙ୍ଗ ସାହୁ ଜଣେ ବ୍ୟକ୍ତିଙ୍କ ଘରେ ଥିବା ଇଉକାଲିପଟାସ ଗଛ କାଟିବାକୁ ଅନୁମତି ଦେବା ପାଇଁ ୫ ହଜାରଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ବିଭାଗ ହାତରେ ଧରା ପଡିଛନ୍ତି । ଶ୍ରୀ ସାହୁଙ୍କ ନିକଟରୁ ରଙ୍ଗ ବୋଳାଟଙ୍କା ଜବତ କରାଯାଇଥିବା ବେଳେ ରାଉରକେଲା ଭିଜିଲାନ୍ସ ବିଭାଗ ଏକ ମାମଲା ରୁଜୁ କରି ଶ୍ରୀ ସାହୁଙ୍କୁ ଗିରଫ କରିଛି । ଏହି ଘଟଣା ପରେ ଶ୍ରୀ ସାହୁଙ୍କ ଆୟ ବହିର୍ଭୂତ ସମ୍ପତି ମାମଲାରେ ମଧ ତଦନ୍ତ ଆରମ୍ଭ ହୋଇଥିବା ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀଙ୍କ ଜୟନ୍ତୀ



ସମ୍ବଲପୁର : ବିଶ୍ୱ ବ୍ୟାପି ଭାରତୀୟ ସାଂସ୍କୃତିକ ପରମ୍ପରା ଏବଂ ଐତିହ୍ୟ ପ୍ରତି ରୁଚି ବୃଦ୍ଧି ପାଉଥିବା ବେଳେ ଆୟୁର୍ବେଦ ଶାସ୍ତ୍ରର ପ୍ରାସଙ୍ଗିକତା ଅନୁଭବ କରାଯାଉଛି । ଏହି ପରିପ୍ରେକ୍ଷୀରେ ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀ ରଚିତ ଚିକିତ୍ସା ମଞ୍ଜରୀ ର ମହତ୍ତ୍ୱ ରହିଛି ବୋଲି ବକ୍ତାମାନେ କହିଛନ୍ତି । ରଘୁନାଥ ମିଶ୍ରଙ୍କ ସଭାପତିତ୍ୱରେ ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀ ସ୍ମୃତି ସଂସଦ ପକ୍ଷରୁ ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ କହିଥିଲେ ଯେ, ଆୟୁର୍ବେଦ ଚିକିତ୍ସା ପଦ୍ଧତିରୁ ଯଦିଓ ଲୋକେ ଦୂରେଇ ଯାଇଥିଲେ ଏବେ ଏଥିପ୍ରତି ଆଗ୍ରହ ବୃଦ୍ଧି ପାଇଛି । ତେଣୁ ଏହାକୁ ସର୍ବବ୍ୟାପୀ କରିବା ପାଇଁ ଭିତ୍ତିଭୂମି ଓ ସୁଯୋଗ ସମ୍ପ୍ରସାରଣ ଆବଶ୍ୟକ ।

ମୁଖ୍ୟ ବକ୍ତା କବି ଲକ୍ଷ୍ମୀନାରାୟଣ ପଣ୍ଡା ଚିକିତ୍ସା ମଞ୍ଜରୀର ସାହିତ୍ୟିକ ମୂଲ୍ୟାୟନ କରି ଏହାକୁ ଏକ ଅମୂଲ୍ୟ ଗ୍ରନ୍ଥ ରୂପେ ବିବେଚନା କରିଥିଲେ ।



ସମ୍ମାନିତ ଅତିଥି ପ୍ରଫେସର ଶଙ୍କର ପ୍ରସାଦ ପତି ଚିକିତ୍ସା ମଞ୍ଜରୀ ଗ୍ରନ୍ଥ ସମ୍ପର୍କରେ ଅଧିକ ଆଲୋଚନା ସାଙ୍ଗକୁ ଏହା ଉପରେ ଆୟୁର୍ବେଦ କଲେଜ ମାନଙ୍କରେ ଗବେଷଣା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ହେମନ୍ତ ମହାପାତ୍ର ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀଙ୍କ ଭଳି ଜଣେ ଗୌରବଶାଳୀ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଅଧିକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ । ଦୀପକ କୁମାର ପଣ୍ଡା ରାଜନୈତିକ ସ୍ଥିରତା ସମୟରେ ପ୍ରାଚୀନ ଗ୍ରନ୍ଥ ଗୁଡ଼ିକ ରଚନା କରାଯାଇଥିଲା ବୋଲି ପ୍ରକାଶ କରି ସେ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଭୁବନେଶ୍ୱରର ଡକ୍ଟର ସନ୍ତୋଷ କୁମାର ମହାପାତ୍ରଙ୍କୁ 'ଚିକିତ୍ସା ମଞ୍ଜରୀ ସମ୍ମାନ' ଦିଆଯାଇଥିଲା । ତାଙ୍କ ଅନୁପସ୍ଥିତିରେ ଯୁଗଳ କିଶୋର ନାୟକ ଏହି ସମ୍ମାନ ଗ୍ରହଣ କରିଥିଲେ । ସେହିଭଳି ରାଜବୈଦ୍ୟଙ୍କ ବଂଶଜ ସଂସ୍କୃତି ଭୂଷଣ ଗୋପୀନାଥ ଷଡ଼ଙ୍ଗୀଙ୍କୁ ସମ୍ବଲପୁର ମହୋତ୍ସବ ପକ୍ଷରୁ ସପନ ମିଶ୍ର ଓ ଭକ୍ତ ପ୍ରସାଦ ନନ୍ଦ ସମ୍ମାନିତ କରିଥିଲେ । ଅନୁପମା ବିଶ୍ୱାଳ ସ୍ୱାଗତ ଭାଷଣ, ପଦ୍ମାଳୟା ପଣ୍ଡା ପ୍ରାରମ୍ଭିକ ସୂଚନା ଓ ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ତୀର୍ଥଯାତ୍ରାରେ ସମ୍ବଲପୁରର ୭୭୫ ଜଣ ବରିଷ୍ଠ ନାଗରିକ



ସମ୍ବଲପୁର : ରାଜ୍ୟ ପର୍ଯ୍ୟଟନ ବିଭାଗ, ରେଳବାଇ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ, 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା' ଅଧୀନରେ ପଶ୍ଚିମ ଓଡ଼ିଶାର ୮ ଜିଲ୍ଲାରୁ ୭୭୫ ଜଣ ତୀର୍ଥଯାତ୍ରୀ ସମ୍ବଲପୁରରୁ ତାମିଲନାଡୁର ରାମେଶ୍ୱରମ ଓ ମଦୁରାଇ ଅଭିମୁଖେ ଯାତ୍ରା କରିଛନ୍ତି । ଏହି ଯାତ୍ରାରେ ସମ୍ବଲପୁର ଜିଲ୍ଲାରୁ ୮୯, ସୁବର୍ଣ୍ଣପୁରରୁ ୫୨, ଦେଓଗଡ଼ ୨୭, ଅନୁଗୁଳ ୧୦୯ ଜଣ, ଝାରସୁଗୁଡ଼ା ୫୦, ସୁନ୍ଦରଗଡ଼ ୧୮୦, ବଲାଙ୍ଗିର ୧୪୧, ବରଗଡ଼ ୧୨୭ ଜଣ ଯାତ୍ରୀ ରହିଛନ୍ତି । 'ଆଇଆରସିଟିସି' ପକ୍ଷରୁ ସମସ୍ତ ଯାତ୍ରୀଙ୍କ ପାଇଁ ଖାଦ୍ୟ, ପାନୀୟ, ଯିବା ଆସିବା ଏବଂ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଛି । ଏହା ସହ ଏକ ଡାକ୍ତରୀ ଟିମ୍ ଏବଂ ୨୫ ଜଣ ଏସକର୍ଟ୍ ଅଧିକାରୀ ମଧ ସେମାନଙ୍କ ସହ ଯାତ୍ରା କରିଛନ୍ତି । ସମ୍ବଲପୁର ରେଳ ଷ୍ଟେସନରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଏହି ତୀର୍ଥଯାତ୍ରୀ ସ୍ୱତନ୍ତ୍ର ଟ୍ରେନ୍‌କୁ ସ୍ଥାନୀୟ ବିଧାୟକ ଜୟନାରାୟଣ ମିଶ୍ର, ସ୍ଥାନୀୟ ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ରେଙ୍ଗାଲି ପୂର୍ବତନ ବିଧାୟକ ନାଉରି ନାୟକ, ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ମହାନଗର ନିଗମ ଆୟୁକ୍ତ ରେହାନ କ୍ଷେତ୍ରୀ, ରେଳବାଇ ଡ଼ିସିଏମ୍ ଗରିମା ତଓ୍ୱାରୀ, ଏଡ଼ିଆର୍ଏମ୍ ମଞ୍ଜୀତ ସିଂହ ସନସନଓ୍ୱାଲ ପ୍ରମୁଖ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

## ଜିଏମୟୁ ଇଂରାଜୀ ବିଭାଗରେ ଜାତୀୟ ସେମିନାର୍




ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଆଇସିଏସଏସଆର୍ ପ୍ରଯୋଜିତ 'ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି: ଏକ ଅନ୍ୱେଷଣ' ଶୀର୍ଷକ ଜାତୀୟସ୍ତରର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଇଂଲିଶ୍ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ରରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରଫେସର, ଗବେଷକ, ସଂସ୍କୃତିକ କାର୍ଯ୍ୟକର୍ତ୍ତା ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

ହାଇଦ୍ରାବାଦର ଇଏଫ୍ଏଲ୍ୟୁର ପ୍ରଫେସର ଅନନ୍ଦ ମହାନନ୍ଦ ଓ ପଦ୍ମଶ୍ରୀ ହଳଧର ନାଗ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ । ପ୍ରଫେସର କାଳିଦାସ ମିଶ୍ରଙ୍କ ଅଧକ୍ଷତା ଏବଂ ସଂସ୍କୃତି ପୁଜାରୀଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ପ୍ରଫେସର ଅନନ୍ଦ ମହାନନ୍ଦ, ପ୍ରଫେସର କାମଦେବ ସାହୁ, ଦୀପକ ପଣ୍ଡା ଓ ଡକ୍ଟର ଅଜିତ କୁମାର କୁଲ୍ଲୁ ପ୍ରମୁଖ ଯୋଗ ଦେଇଥିଲେ । ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ପ୍ରଫେସର ଡ଼. କମଲ ଭଟ୍ଟାଚାର୍ଯ୍ୟ, ଡ଼. ମଧୁମିତା ଚକ୍ରବର୍ତ୍ତୀ, ଡ଼. ପ୍ରକାଶ ସି. ପଣ୍ଡା, ଡ଼. ଅବିନାଶ ମହାପାତ୍ର ଓ ଅନ୍ୟାନ୍ୟ ଅତିଥିମାନେ ଯୋଗ ଦେଇଥିଲେ । ସ୍କୁଲ ଅଫ୍ ଇଂଲିଶର ମୁଖ୍ୟ ପ୍ରଫେସର ଡ଼. ଅଞ୍ଜଳି ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ, ପି.ଜି କାଉନସିଲ୍ ଅଧକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ଉପ କୁଳସଚିବ ଡକ୍ଟର ଉମା ଚରଣ ପତି, ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ, ଡକ୍ଟର ବ୍ରହ୍ମାନନ୍ଦ ପାତ୍ର, ଡକ୍ଟର ପି ଏମ ଶର୍ମା, ଯଶପାଲ କୌର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଫେସର ଆଲୋକା ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ପ୍ରଫେସର ଅଂଶୁମାନ କର ଅଭିଭାଷଣ ରଖିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ସେମିନାରରେ ୬୦ରୁ ଅଧିକ ପ୍ରବନ୍ଧ ପ୍ରସ୍ତୁତ ହୋଇଥିଲା ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

ସ୍ୱୀକାର
07- 13 December 2025


# କ୍ୟାମେରା ଲେନ୍ସରେ ସାପ୍ତାହିକ 'ସ୍ୱୀକାର'ର 'ଲୋକକଳା ମହୋତ୍ସବ'


'ଉଡ଼ାନ୍'ର ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଶୀ ଦଶାବତାର ନୃତ୍ୟ


ଫକିର ପ୍ରଧାନ ଓ ସାଥୀଙ୍କ 'ସଂଚାର'




'ଘୁଡୁକା' ନାଚ


ସଂକୀର୍ତ୍ତନ ଭୁଏ ଓ ସାଥୀଙ୍କ 'କରମ୍ସାନି'


'ଉଡ଼ାନ୍'ର ଶିଶୁକଳାକାରଙ୍କ 'ଢ଼େମ୍ସା' ନୃତ୍ୟ




କବରାପାଲିର ଦିଲ୍ଲୀପ ବଡ଼େଇ ଓ ସାଥୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ


ବଡ଼ଧରାର ରାଧାକ୍ରିଷ୍ଣ ମଣ୍ଡଳୀର 'ସଂପର୍ଦ୍ଧା'


ସମ୍ବଲପୁର ଦୁର୍ଗାପାଲି କଳାକାରଙ୍କ କୃଷ୍ଣଗୁରୁ




'ଭାରତୀ କଳା ବିକାଶ କେନ୍ଦ୍ର' ବୁର୍ଲର ସମ୍ବଲପୁରୀ ନୃତ୍ୟ


ରାଧେଶ୍ୟାମ ପଣ୍ଡାଙ୍କ 'ପାଲା'


କବରାପାଲିର 'ଭାଗବତ'ଦଳ


ପଏଦାମାଲର ପୁଷ୍କର ପ୍ରଧାନଙ୍କ 'କରମସାନୀ'


ଆୟୋଜକଙ୍କ ସହ ଉଦ୍‌ଘୋଷକ ବୃନ୍ଦ





Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra